
ବର୍ଷ-୨୬, ସଂଖ୍ୟା-୯୬
ଭୁବନେଶ୍ୱର
୦୯, ଏପ୍ରିଲ୍ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.96
Bhubaneswar
09 April, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଲ୍ଲୁ ଅର୍ଜୁନଙ୍କ ନୂଆ ଫିଲ୍ମ 'ରାକା'

# ସମ୍ଭାବନା ନୁହେଁ, ସମୃଦ୍ଧିର ସ୍ୱର୍ଶ ଅନୁଭବ କରୁଛି ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୂଇଁପୁରଠାରେ ୪୦,୮୧୧ କୋଟି ନିବେଶରେ ୩୬ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ**

**ସୃଷ୍ଟି ହେବ ୫୯,୦୦୦ ରୁ ଅଧିକ ନିଯୁକ୍ତି ସୁଯୋଗ**

**ଓଡିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ**

ଭୁବନେଶ୍ୱର,୮।୪(ମହାଭାରତ): ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦,୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ ଗୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ବେଳେ ୧୧ ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରୁଛି। ଏହି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ , ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ।

ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମୃଦ୍ଧ ଓଡିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତ୍ପୂର୍ଣ୍ଣ ଫର୍ଦ୍ଦ ଯୋଡି ହୋଇଗଲା। ବର୍ତ୍ତମାନ ଓଡିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି। ଆମ ପ୍ରତିଶ୍ରୁତି, ଆମେ ନିଶ୍ଚୟ ପୂରଣ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦୁଇ-ତିନି ବର୍ଷ ମଧ୍ୟରେ ଓଡ଼ିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହି ନାହିଁ, ବରଂ ଓଡିଶା ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରିବା ଆରମ୍ଭ କରିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଆମରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ। ୫୯ ହଜାର ନୂଆ ନିଯୁକ୍ତି କୌଣସି ଦୃଷ୍ଟିକୋଣରୁ ଏକ ଛୋଟ ଉପଲବ୍ଧି ନୁହେଁ। ପୂର୍ବରୁ ଆମ ସରକାର ଏହି ୧୮-୨୦ ମାସ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଯାହାଦ୍ୱାରା, ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଏବଂ ୫୯ ହଜାରନିଯୁକ୍ତି ସୃଷ୍ଟି ହୋଇଛି । ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ଖୋର୍ଦ୍ଧା ମାଟିରେ ତିଆରି ହେବ। ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାରେ ନିର୍ମିତ ସାମଗ୍ରୀ ବିଶ୍ୱ ବଜାରକୁ ଯିବ ଏବଂ ଆମ ଶିଳ୍ପ ବ୍ୟବସ୍ଥାକୁ ଆହୁରି ସ୍ୱାବଲମ୍ବୀ କରି ଗଢିତୋଳିବାରେ ସହାୟକ ହେବ। ଏହି ଶିଳ୍ପପ୍ରକଳ୍ପ ଗୁଡିକ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚଳିତ ବଜେଟରେ ଭିତିଭୂମି ପାଇଁ ୭୨ ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି ଯାହା ବର୍ତ୍ତମାନ ଆମ ରାଜ୍ୟ ଜିଡିପି ର ପ୍ରାୟ ୬.୫ ପ୍ରତିଶତ। ଏହା ଦ୍ୱାରା ଭିତିଭୂମି ନିର୍ମାଣ ତ୍ୱରାନ୍ୱିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେଉଛି ବୋଲି ସେ କହିଥିଲେ । ଓଡିଶାରେ ଗତ ୨୦ ମାସ ଧରି ଶିଳ୍ପ କ୍ଷେତ୍ରରେ ଏକ ନୂତନ ଦିଗ ଦେଖାଯାଇଛି ଏବଂ ବିଶେଷ କରି ୨୦୨୫ ଜାନୁଆରୀରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ୨୦୩୬ ପାଇଁ ଆଉ ୧୦ ବର୍ଷ ରହିଛି ଏବଂ ଏହି ୧୦ ବର୍ଷ ହେଉଛି ସମସ୍ତଙ୍କ ପାଇଁ 'ସଂକଳ୍ପର ଦଶକ'। ଓଡିଆ ଅସ୍ମିତା ସହିତ ଅର୍ଥନୈତିକ ଉନ୍ନତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଆମର ଅର୍ଥନୀତି ଯେତେବେଳେ ଶକ୍ତିଶାଳୀ ହେବ ଏବଂ ଭିତିଭୂମି ବିଶ୍ୱସ୍ତରୀୟ ହେବ, ସେତେବେଳେ ଓଡିଶାର ଅର୍ଥନୀତି ସମଗ୍ର ବିଶ୍ୱର ଅର୍ଥନୀତି ସହିତ ସଂଯୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତି ମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡଟେବୁଲ୍ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପ ଉନ୍ନତି ପାଇଁ ଓଡିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜମି, ବିଦ୍ୟୁତ୍, ପାଣି ଓ ଯୋଗାଯୋଗ ପରି ସମସ୍ତ ଆବଶ୍ୟକୀୟ ସୁବିଧା ପୂର୍ବରୁ ଆମ ସରକାର ଯୋଗାଇ ଆସୁଛନ୍ତି ଏବଂ ଆଗକୁ ମଧ୍ୟ ଯୋଗାଇବ। ଏହା ସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମସ୍ତ ଅନୁମୋଦନ ସମୟତା ମଧ୍ଯ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କୌଣସି ସମସ୍ୟା ହେଲେ ଶିଳ୍ପପତିମାନେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ କରି ସମାଧାନ ପାଇପାରିବେ ବୋଲି ଶିଳ୍ପପତି ମାନଙ୍କୁ ଆଶ୍ୱାସନା ଦେଇଥିଲେ।




# ୭୫୦ କୋଟିର ବୃହତ୍ ଆପାରେଲ୍ ୟୁନିଟ୍, ୫,୮୦୦ ନିଯୁକ୍ତି ସୃଷ୍ଟି



- କଟକ ରାମଦାସପୁରରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟିତ
- ଓଡିଶାକୁ ପୂର୍ବ ଭାରତର 'ସୁରାଟ-ତିରୁପୁର' ଭାବେ ଗଢ଼ିବାର ସଙ୍କଳ୍ପ
- ଆଗାମୀ ଦିନରେ ନିଯୁକ୍ତି କ୍ଷେତ୍ରରେ ରିଭର୍ସ ମାଇଗ୍ରେସନ୍ ହେବ
- ଆପାରେଲ୍ ଇଣ୍ଡଷ୍ଟ୍ରି ମାଧ୍ୟମରେ ମହିଳା ସଶକ୍ତିକରଣ ଓ ବ୍ୟାପକ ନିଯୁକ୍ତି

ଭୁବନେଶ୍ୱର,୮।୪(ମହାଭାରତ): ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ, ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜି କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍‌ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଆଜି ଏହି ପେଜ୍-ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୋଟିଏ ୟୁନିଟ୍‌ର ଭୂଇଁପୁର ଠାରେ ଶିଳାନ୍ୟାସ କରାଯାଇଛି । ୨୫୮ କୋଟି ଟଙ୍କା ବିନିଯୋଗରେ ଏହାର ଭୂଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଆଜି ଭୂଇଁପୁର ଠାରେ ମଧ୍ୟ ଗଇଝ ଓଭୟସବ ଉକ୍ଷକ୍ବ୍ୱକ୍ଷସଭଶ ଚଙ୍ଗଶ୍ୱ ଖଗ୍ୱୟ ର ଟେକ୍ସଟାଇଲ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି । ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ । ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ । ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି । ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି । ଗତବର୍ଷ ଜୁଲାଇ ମାସରେ ଓଡିଶାରେ ଟେକ୍ସଟାଇଲ ସମିଟ୍ ହୋଇଥିଲା । ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା । ଏହିସବୁ ପ୍ରସ୍ତାବ ଗୁଡିକ ଏବେ ଦୃତ ଗତିରେ କାର୍ଯ୍ୟକାରୀ ହେଉଛି ।

ସେ କହିଥିଲେ ଯେ, ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ୍ୟ ଏହାର ପ୍ରଭାବ ପଡିଥାଏ । ଏହା ଏକ ସୁଦୃଢ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ ଗଠନ କରେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଜି ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪୧ ହଜାର କୋଟି ଟଙ୍କାର ଅନେକ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିବା ବେଳେ, ଏହି ନୂଆ ଆପାରେଲ୍ ୟୁନିଟ୍ ରାଜ୍ୟରେ ଟେକ୍ସଟାଇଲ୍ ଓ ପୋଷାକ ଶିଳ୍ପକୁ ଆହୁରି ଗତିଶୀଳ କରିବ। ସେ ଆହୁରି କହିଥିଲେ ଯେ, ଆଜି ଦିନରେ ପ୍ରାୟ ୬୦ ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ଯାହା ଓଡିଶାର ଯୁବଶକ୍ତି ପାଇଁ ଏକ ନୂଆ ଆଶା ଜଗାଇଛି ।ସେ କହିଥିଲେ ଯେ, ଓଡିଶାକୁ ପୂର୍ବ ଭାରତର "ସୁରାଟ" କିମ୍ବା "ତିରୁପୁର" ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଟେକ୍ସଟାଇଲ୍ ଓ ଆପାରେଲ୍ କ୍ଷେତ୍ରରେ ଦକ୍ଷ ଓଡିଆ କାରିଗରମାନଙ୍କ ସମ୍ଭାବନାକୁ ରାଜ୍ୟରେ ହିଁ ଉପଯୋଗ କରିବା ପାଇଁ ନୀତିଗତ ସୁଧାର ଓ ଶିଳ୍ପ-ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଆପାରେଲ୍ ପାର୍କଗୁଡିକରେ 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ୍ ଜମି, ବିଜୁଳି, ପାଣି ଓ ଯାତାୟାତ ସହିତ ସମସ୍ତ ମୌଳିକ ଢାଞ୍ଚା ଉପଲବ୍ଧ କରାଯାଉଛି। ଏହାଦ୍ୱାରା ନିବେଶକମାନଙ୍କ ପାଇଁ ଓଡିଶା ଏକ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିଛି। ଟେକ୍ସଟାଇଲ୍ କ୍ଷେତ୍ରରେ ପ୍ରାୟ ୭,୨୧୨ କୋଟି ଟଙ୍କାର ବିନିଯୋଗ ଓ ୪୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

# ଆମେରିକା-ଇରାନ ଦୁଇ ସପ୍ତାହ ଅସ୍ତ୍ରବିରତି

ୱାଂଶିଟନ/ତେହେରାନ,୮।୪(ମହାଭାରତ): ଶେଷ ମୁହୂର୍ତ୍ତରେ ଇରାନ ସହ ଯୁଦ୍ଧ ବିରତି ବୁଝାମଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ଓ ଆମେରିକା ମଧ୍ୟରେ ୨ ସପ୍ତାହର ଯୁଦ୍ଧ ବିରତି ଲାଗୁ ହୋଇଥିବାରୁ ତେହରାନ ଉପରେ ହମଲା ବନ୍ଦ କରି ଦେଇଛି ୱାଶିଂଟନ। ଯୁଦ୍ଧ ବିରତି ସଫଳ ହୋଇ ନଥିଲେ ହେଁ ଇରାନ ସଭ୍ୟତାକୁ ଟ୍ରମ୍ପ ଖତମ କରିଦେବାର ଧମକ ବି ଦେଇଛନ୍ତି।



ହେଲେ ପାକିସ୍ତାନ ହାତରେ ଟ୍ରମ୍ପ ପଠାଇଥିବା ପ୍ରସ୍ତାବକୁ ଇରାନ ଗ୍ରହଣ କରି ନେବାରୁ ହମଲାକୁ ଟାଳି ଦିଆଯାଇଛି। ଦୁଇ ଦେଶ ମଧ୍ୟରେ ୨ ସପ୍ତାହ ପାଇଁ ଯୁଦ୍ଧ ବିରତି ଲାଗୁ ହୋଇଛି। ଇରାନ ମଧ୍ୟ ଷ୍ଟ୍ରେଟ ଅଫ ହର୍ମୁଜ ଖୋଲିବାକୁ ସହମତି ପ୍ରକାଶ କରିଛି। ୨ ସପ୍ତାହ ଯୁଦ୍ଧ ବିରତିରେ ରାଜି ହେବା ପୂର୍ବରୁ ଇରାନ ୧୦ ସୂତ୍ରୀ ପ୍ରସ୍ତାବ ଆମେରିକା ପାଖକୁ ପାକିସ୍ତାନ ହାତରେ ପଠାଇଥିଲା। ଏହା ଉପରେ ବିଚାର କରାଯାଇ ପାରିବ ଓ ଏହା ସଫଳ ମଧ୍ୟ ହୋଇପାରେ ବୋଲି ଟ୍ରମ୍ପ ସଙ୍କେତ ଦେଇଛନ୍ତି।

ଯୁଦ୍ଧ ବିରତି ଲାଗୁ ହେବା ପରେ ଫେବୃଆରୀ ୨୮ ରୁ ଚାଲିଥିବା ଯୁଦ୍ଧରେ ଇରାନର ବିଜୟ ହୋଇଥିବା ତେହରାନ ଦାବି କରିଛି। ଇରାନର କହିବା କଥା ଯେ ଆମେରିକା ପାଖରେ ତେହରାନର ୧୦ ସୂତ୍ରୀ ପ୍ରସ୍ତାବରେ ରାଜି ହେବା ଛଡା ଆଉ କୌଣସି ଉପାୟ ନଥିଲା। ଏହି ପ୍ରସ୍ତାବ ମଧ୍ୟରେ କଟକଣା ପ୍ରତ୍ୟାହାର ଓ ଆଣବିକ ଭିତିଭୂମି ରହିଛି।

ଇରାନର ସୁପ୍ରିମ ଜାତୀୟ ସୁରକ୍ଷା ପରିଷଦ ଗୋଟିଏ ବିବୃତିରେ କହିଛି ଯେ ଯୁଦ୍ଧ ବିରତି ଯୋଜନାର ଭବିଷ୍ୟତ ଷ୍ଟ୍ରେଟ ଅଫ ହର୍ମୁଜରେ ଇରାନୀୟ ଦବାଦବା ଉପରେ ନିର୍ଭର କରେ। ଏହାବାଦ ଏନରିଚ୍‌ମେଣ୍ଟକୁ ସ୍ୱୀକୃତି ଓ କଟକଣାକୁ ହଟାବା ମଧ୍ୟ ଆବଶ୍ୟକ। ମଧ୍ୟପ୍ରାଚ୍ୟରୁ ଆମେରିକାର ସେନାର ପ୍ରତ୍ୟାହାର, ଇରାନ ଓ ଏହାର ସହଯୋଗୀଙ୍କ ଉପରେ ଚାଲିଥିବା ହମଲାର ଅନ୍ତ ଇତ୍ୟାଦି ମଧ୍ୟ ୧୦ ସୂତ୍ରୀ ପ୍ରସ୍ତାବରେ ରହିଛି।

ଟ୍ରମ୍ପ ସୋଶାଲ ମିଡିଆରେ କହିଛନ୍ତି ଯେ ସେ ଇରାନ ଠାରୁ କାର୍ଯ୍ୟକାରୀ ହୋଇପାରୁ ଥିବା ୧୦ ପଏଣ୍ଟ ବିଶିଷ୍ଟ ଯୁଦ୍ଧ ବିରତି ପ୍ରସ୍ତାବ ପାଇଛନ୍ତି। ଯୁଦ୍ଧ ବିରତିରେ ଆମେରିକା ରାଜି ହେବାର କାରଣ ହେଉଛି ଯେ ୱାଶିଂଟନ ଧାର୍ଯ୍ୟ କରିଥିବା ଟାର୍ଗେଟକୁ ହାସଲ କରି ନେଇଛି। ଆମେରିକାର ସମସ୍ତ ସାମରିକ ଉଦ୍ଦେଶ୍ୟ ପୂରଣ ହୋଇ ସାରିଛି। ଏବେ ଇରାନ ସହ ଦୀର୍ଘ କାଳୀନ ଶାନ୍ତି ପ୍ରସ୍ତାବ ଉପରେ ବିଚାର ଚାଲିଥିବା ସେ କହିଛନ୍ତି। ଇରାନର ୧୦ ସୂତ୍ରୀ ପ୍ରସ୍ତାବ - କୌଣସି ଉତ୍ତେଜନା ବା ଆକ୍ରମଣ କରାଯିବ ନାହିଁ । ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ନିୟନ୍ତ୍ରଣର ଜାରି ରହିବ। ସମୃଦ୍ଧିକରଣର ସ୍ୱୀକୃତି। ୪- ସମସ୍ତ ପ୍ରାଥମିକ କଟକଣା ପ୍ରତ୍ୟାହାର। ୫- ସମସ୍ତ ସେକେଣ୍ଡାରୀ ନିଷେଧାଜ୍ଞା ଉଠାଇବା। ୬- ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ପ୍ରସ୍ତାବର ଉଚ୍ଛେଦ। ୭- ଆଇଏଇଏ ବୋର୍ଡ ଅଫ୍ ଗଭର୍ଣ୍ଣନର୍ସ ପ୍ରସ୍ତାବର ଉଚ୍ଛେଦ। ୮- ଇରାନକୁ ଯୁଦ୍ଧ ଜନିତ କ୍ଷତିପୂରଣ ପ୍ରଦାନ। ୯- ଏହି ଅଞ୍ଚଳରୁ ଆମେରିକାର ସେନାକୁ ପ୍ରତ୍ୟାହାର। ୧୦- ଇରାନ ଓ ଏହାର ସହଯୋଗୀଙ୍କ ଉପରେ ହେଉଥିବା ହମଲା ଉପରେ ରୋକ ।

# ଅସ୍ତ୍ରବିରତିକୁ ଭାରତର ସ୍ୱାଗତ

ନୂଆଦିଲ୍ଲୀ୮।୪(ମହାଭାରତ) : :ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ତେହେରାନ ମଧ୍ୟ ଏଥିରେ ସହମତି ପ୍ରକାଶ କରିଛି। ଏହାପରେ ଗତ ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧ ବର୍ତ୍ତମାନ ପାଇଁ ୨ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରହିଛି, ଯାହା କାରଣରୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ପାକିସ୍ତାନ ସମେତ ବିଶ୍ୱର ବିଭିନ୍ନ ଦେଶ ଏହି ଅସ୍ତ୍ରବିରତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ, ଏବେ ଭାରତର ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି। ଭାରତ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଆଶା ପ୍ରକଟ କରିଛି ଯେ, ଏହା କ୍ଷେତ୍ରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ।ବିଦେଶ ମନ୍ତ୍ରଣାଳୟ ନିଜର ଆଧିକାରିକ ବୟାନରେ କହିଛି ଯେ, 'ଆମେ ହୋଇଥିବା ଯୁଦ୍ଧବିରତିକୁ ସ୍ୱାଗତ କରୁଛୁ ଏବଂ ଆଶା କରୁଛୁ ଯେ ଏହାଦ୍ୱାରା ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ।' ମନ୍ତ୍ରଣାଳୟ କହିଛି ଯେ, ଭାରତ କ୍ରମାଗତ ଭାବରେ ଏହି କଥା ଉପରେ ଜୋର ଦେଇ ଆସୁଛି ଯେ ଯେକୌଣସି ସଂଘର୍ଷର ସମାଧାନ କେବଳ ଉତ୍ତେଜନା ହ୍ରାସ, ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ହିଁ ସମ୍ଭବ ।ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି ଯେ, ଦୀର୍ଘ ସମୟ ଧରି ଚାଲିଥିବା ଏହି ସଂଘର୍ଷ ସାଧାରଣ ଲୋକଙ୍କୁ ପ୍ରବଳ କଷ୍ଟ ଦେଇଛି ଏବଂ ବିଶ୍ୱସ୍ତରୀୟ ଶକ୍ତି ଯୋଗାଣ ତଥା ବାଣିଜ୍ୟ ନେଟୱର୍କକୁ ବାଧାପ୍ରାପ୍ତ କରିଛି।

# ଏସସିବିରେ ଯାଂଚ କଲେ କେନ୍ଦ୍ରୀୟ ତଦନ୍ତକାରୀ ଦଳ

ଭୁବନେଶ୍ୱର,୮।୪(ମହାଭାରତ): କଟକ ଏସସିବିରେ କେନ୍ଦ୍ରୀୟ ତଦନ୍ତକାରୀ ଦଳ ପହଂଚିଛନ୍ତି। ନିକଟରେ ଟ୍ରମା ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାର ଯାଂଚ ଲାଗି ୬ ଜଣିଆ କେନ୍ଦ୍ରୀୟ ଟିମ ଏସସିବି ଗସ୍ତ କରିଛନ୍ତି। ଏହି ଟିମ୍ ରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ , ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ , ଏନଡିଆରଏଫ୍, ଓସଡମା , ଭାରତ ସରକାରଙ୍କ ଅଗ୍ନିଶମ ଓ ସିଭିଲ ଡିଫେନ୍ସ ବିଭାଗ ପରାମର୍ଶଦାତା ସାମିଲ ହୋଇଛନ୍ତି।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ

## ୩ ମହଲା ଘର, ଫାର୍ମ ହାଉସ୍, ୫ ପ୍ଲଟ, ନଗଦ ଟଙ୍କା, ୨୦ରୁ ଅଧିକ ଘଣ୍ଟା ଠାବ

ଭୁବନେଶ୍ୱର,୮।୪(ମହାଭାରତ) ଭିଜିଲାନ୍ସ ଜାଲରେ ପଡିଛନ୍ତି ରାଜ୍ୟର କେନ୍ଦ୍ରୀୟ ଜଳସେଚନ ସର୍କଲ ବା ସେଣ୍ଟ୍ରାଲ୍ ଇରିଗେସନ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ତାଙ୍କର ୪ଟି ଠିକଣା ସମେତ ତାଙ୍କର ଜଣେ ସଂପର୍କୀୟ ଓ ଘନିଷ୍ଠ ସହଯୋଗୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚ ?ଢ କରାଯାଇଛି। ଏହି ଚଢ଼ାଉ ବେଳେ ବାବୁଙ୍କର ବିପୁଳ ସଂପତ୍ତି ସାମ୍ନାକୁ ଆସିଛି ।ଭିଜିଲାନ୍ସ ଦେଇଥିବା ସୂଚନା ଅନୁଯାୟୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କର ଭୁବନେଶ୍ୱରର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ୮ ନମ୍ବର ଲେନ୍ ?ରେ ଏକ ତିନି ମହଲା କୋଠା ରହିଛି। ଏହା ପ୍ରାୟ ୩ ହଜାର ବର୍ଗଫୁଟ ଜାଗା ଉପରେ ତିଆରି ହୋଇଛି ।ଢେଙ୍କାନାଳର ଭାପୁରର ବିମ୍ବୋଲରେ ଏକ ଫାର୍ମ ହାଉସ୍ ରହିଛି। ୧ ଏକର ୭୧ ଡିସିମିଲ୍ ?ର ଜାଗାରେ ଏହି ଫାର୍ମ ହାଉସ୍‌ଟି ରହିଛି। ଫାର୍ମହାଉସ୍ ?ରେ ଥିବା ଦ୍ୱିମହଲା କୋଠାଟି ୪୦୦୦ ବର୍ଗଫୁଟ୍ ଜାଗାରେ ନିର୍ମାଣ କରାଯାଇଛି। ତାଙ୍କର ୫ଟି ଦାମୀ ପ୍ଲଟ୍ ଅଛି। ଏଥିରୁ ଗୋଟିଏ ଭୁବନେଶ୍ୱରରେ ଥିବା ବେଳେ ବାକିଗୁଡିକ ବିମ୍ବୋଲରେ ଅଛି। ତାଙ୍କର ତିନି ମହଲା ବିଶିଷ୍ଟ ଘର ସହିତ ଫାର୍ମ ହାଉସ୍ ? ଓ ପ୍ଲଟ୍ ଗୁଡିକର ଦାମ୍ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ମୂଲ୍ୟାଙ୍କନ ଜାରି ରହିଛି। ଶ୍ରୀ ମହାନ୍ତିଙ୍କ ଘରୁ ନଗଦ ୬ ଲକ୍ଷ ୨୩ ହଜାର ଟଙ୍କା ମିଳିଛି। ଏହା ସହିତ ବିଭିନ୍ନ ଜମା ବାବଦକୁ ସେ ୬୦.୦୯ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କ ଘରୁ ସୁନାଗହଣା ଜବତ କରାଯାଇଛି। ତେବେ ସେଗୁଡିକ ମୂଲ୍ୟ କେତେ, ସେନେଇ ସୂଚନା ଦିଆଯାଇନାହିଁ। ତାଙ୍କ ଘରୁ ଭିଜିଲାନ୍ସ ୧୩.୪୭ ଲକ୍ଷ ଟଙ୍କାର ବିମାନ ଟିକେଟ୍ ଠାବ କରିଛି। ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇ ସେ ଏହି ଖର୍ଚ୍ଚ କରିଥିବା ଜଣାପଡିଛି।



# ଏସଏସବି ପକ୍ଷରୁ ପିଜି ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ

ଭୁବନେଶ୍ୱର,୮।୪(ମହାଭାରତ): ଆସନ୍ତା ମେ' ମାସ ୫ ତାରିଖରୁ ଆରମ୍ଭ ହେବ ସିପିଇଟି (କମନ ଏଂଟ୍ରାନ୍ସ ଟେଷ୍ଟ ) ପ୍ରବେଶିକା ପରୀକ୍ଷା। ୫ ମେ' ୨୦୨୬ ରିଖ ଠାରୁ ୧୬ ମେ' ୨୦୨୬ ରିଖ ପର୍ଯ୍ୟନ୍ତ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି) ପକ୍ଷରୁ ସିପିଇଟି ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ ହୋଇଛି।

ସମୁଦାୟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ୨ଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୧୦.୦୦ ଘଟିକାରୁ ୧୧.୪୦ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ସେହିପରି ଦ୍ୱିତୀୟ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ଅପରାହ୍ନ ୩.୦୦ ଘଟିକାରୁ ୪.୪୦ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ପ୍ରଥମ ଦିନରେ (ମେ' ୫ ତାରିଖ ଦିନ) ବାଣିଜ୍ୟ, ବାୟୋଟେକ୍ନୋଲୋଜି, ସୋସିଓଲୋଜି, ପରିବେଶ ବିଜ୍ଞାନ, ଏଜୁକେସନ, ଆନଥ୍ରୋପୋଲୋଜି (କଳା) ଆଦି ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ।

ଏପ୍ରିଲ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ ଏସଏସବି ୱେବ୍ସାଇଟ କୁ ଯାଇ ପ୍ରବେଶିକା ପରୀକ୍ଷା ପାଇଁ ନିଜର ଆଡ଼ମିଟ କାର୍ଡ଼ ଡ଼ାଉନଲୋଡ଼ କରିପାରିବେ। ସିପିଇଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପୁଡୁଚେରୀରେ ଆଜି ମତଦାନ

ପୁଡୁଚେରୀ,୮।୪(ମହାଭାରତ): କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସରକାରୀ ଏବଂ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟର ୩୦ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧,୦୯୯ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ବୁଧବାର ଦିନ ମତଦାନ କର୍ମଚାରୀଙ୍କୁ ଇଭିଏମ୍ ସମେତ ଅନ୍ୟାନ୍ୟ ଉପକରଣ ସହିତ ଜିପିଏସ୍-ସକ୍ଷମ ଗାଡ଼ିରେ ମତଦାନ କେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କ ସହିତ ପୋଲିସ୍ ସୁରକ୍ଷା ଏବଂ ସଶସ୍ତ୍ର କର୍ମଚାରୀଙ୍କୁ ମଧ୍ୟ ପଠାଯାଇଛି। ସକାଳେ, ପ୍ରାର୍ଥୀ ଏବଂ ସେମାନଙ୍କ ଏଜେଣ୍ଟମାନଙ୍କ ଉପସ୍ଥିତିରେ, ମତଦାନ କେନ୍ଦ୍ରରେ ସୁରକ୍ଷିତ କୋଠରୀଗୁଡ଼ିକର ସିଲ୍ ଖୋଲାଯାଇଥିଲା ଏବଂ ଇଭିଏମ୍ ଏବଂ କଣ୍ଟ୍ରୋଲ୍ ୟୁନିଟ୍ ଗୁଡ଼ିକୁ ଅଲଗା କରାଯାଇଥିଲା। ସମସ୍ତ ମତଦାନ କେନ୍ଦ୍ରରେ ଅର୍ଦ୍ଧସାମରିକ ବାହିନୀ, ପୋଲିସ ଏବଂ ନିର୍ବାଚନ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଇଭିଏମ୍ ମେସିନଗୁଡ଼ିକୁ ସମ୍ପୃକ୍ତ ମତଦାନ ଅଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଛି। ସମସ୍ତ ମତଦାନ କେନ୍ଦ୍ର ଉପରେ ନିୟନ୍ତ୍ରଣ କକ୍ଷରୁ ୱେବ କ୍ୟାମେରା ଜରିଆରେ ନଜର ରଖାଯାଇଛି।

# ସ୍ନାନଯାତ୍ରା ପୂର୍ବରୁ ରତ୍ନଭଣ୍ଡାର ଗଣନା ସମାପ୍ତ କରିବାକୁ ପ୍ରଚେଷ୍ଟା: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୮।୪(ମହାଭାରତ):ସ୍ନାନଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣନା ଓ ଯାଞ୍ଚ ପ୍ରକ୍ରିୟା ସମାପ୍ତ କରିବାକୁ ସରକାର ପକ୍ଷରୁ ପ୍ରୟାସ ଚାଲିଥିବା ବିଷୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।ମନ୍ତ୍ରୀ କହିଛନ୍ତି ଯେ, ଏହି ଗଣନାକୁ ୧୯୭୮ ମସିହାର ତଥ୍ୟ ସହିତ ମେଳ କରାଯିବ। ସେଥିପାଇଁ ଆଧୁନିକ ପ୍ରଣାଳୀକୁ ଅନୁସରଣ କରି ଡିଜିଟାଲ୍ ଫଟୋଗ୍ରାଫି ମାଧ୍ୟମରେ ସମସ୍ତ ସମ୍ପଦର ରେକର୍ଡ ସଂରକ୍ଷଣ କରାଯିବ ।ଏହା ସହ ଲମ୍ବା ସମୟ ପାଇଁ କିପରି ସୁରକ୍ଷିତ ରଖାଯିବ ସେନେଇ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ସୋସିଆଲ ମିଡିଆରେ ଚାଲୁଥିବା ଅପପ୍ରଚାର ଉପରେ ଚିନ୍ତା ବ୍ୟକ୍ତ କରି, ମନ୍ତ୍ରୀ କହିଛନ୍ତି ଯେ ଏପରି ଭ୍ରାମକ ସୂଚନାକୁ ତୁରନ୍ତ ବନ୍ଦ କରିବା ଆବଶ୍ୟକ।

# ପନୀର ଜଲସା

**ଆବଶ୍ୟକ ସାମଗ୍ରୀ:** ପନୀର, ରିଫାଇନ, ଜୀରା, ହଳଦି ଗୁଣ୍ଡ, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ ,ଲୁଣ, ଟମାଟୋ ସସ୍, ଲଙ୍କାଗୁଣ୍ଡ। ଏହାବ୍ୟତୀତ ଆଚ୍ଚର ମସଲା ପାଇଁ ସୋରିଷ, ଜୀରା, ମେଥି, କଳାଜିରା ଓ ପାନମହୁରି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରି ପନୀରକୁ ହାଲକା ଭାଜି ବାହାର କରି ଦିଅନ୍ତୁ। ଏହାପରେ ତେଲରେ ଜୀରା, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭାଜନ୍ତୁ। ପରେ ସେଥିରେ ଭଜା ପନିର, ଟମାଟୋ ସସ୍, ଲଙ୍କାଗୁଣ୍ଡ, ଓ ଚାଟ ମସଲା ପକାନ୍ତୁ। କିଛି ସମୟ ପରେ ଆଚ୍ଚର ମସଲା ପକାଇ ଅଳ୍ପ ପାଣି ଦେଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଗରାମଗରମ ପ୍ଲେଟରେ ପରସନ୍ତୁ।



## ଖବର

# ଜରୀନଙ୍କ ଘରେ ଦୁଃଖର ମାହୋଲ, ଚ୍ଚଲିଗଲେ ମା' ପରବୀନ ଖାନ୍



'ବୀର' ଫିଲ୍ମର ଲୋକପ୍ରିୟ ଅଭିନେତ୍ରୀ ସଲମାନ ଖାନଙ୍କ ହିରୋଇନ ଜରୀନ ଖାନ ଦୁଃଖରେ ଭାଙ୍ଗିପଡିଛନ୍ତି । ଜରୀନଙ୍କ ମା' ପରବୀନ ଖାନଙ୍କ ପରଲୋକ ହୋଇଛି । ଦୀର୍ଘଦିନରୁ ସେ ରୋଗରେ ପଡିଥିଲେ । ଆଜି ତାଙ୍କର ମୁମ୍ବାଇରେ ପରଲୋକ ହୋଇଛି । ଜରୀନଙ୍କ ମା'ଙ୍କ ଦେହାନ୍ତ ପରେ ବଲିଉଡ ଏବଂ ତାଙ୍କ ପ୍ରଶଂସକ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଜରୀନ ଖାନଙ୍କ ମାଆ ବାର୍ଦ୍ଧକ୍ୟଜନିତ ରୋଗ ସହିତ ସଂଘର୍ଷ କରୁଥିଲେ। ଅକ୍ଟୋବର ୨୦୨୫ରେ ଅଭିନେତ୍ରୀଙ୍କ ମାଆ ପରବୀନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।ଜରୀନ ଖାନଙ୍କ ଟିମ୍ ପକ୍ଷରୁ କୁହାଯାଇଛି ଯେ, ଜରୀନ ଖାନଙ୍କ ଏବଂ ସନା ଖାନଙ୍କ ମା' ପରବୀନ ଖାନଙ୍କ ଦେହାନ୍ତ ୮ ଏପ୍ରିଲରେ ହୋଇଛି । ଆଜି ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯିବ ଯ ମୁମ୍ବାଇର ଅନ୍ଧେରୀ ପଶ୍ଚିମରେ ଥିବା ଭର୍ସୋଭା ମୁସଲିମ କବରସ୍ଥାନରେ ଅନୁଷ୍ଠିତ ହେବ ।ତେବେ ଜରୀନ ଖାନ ନିଜ ମା'ଙ୍କ ସ୍ୱାସ୍ଥ୍ୟକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା କରୁଥିଲେ । ଗତ କିଛିଦିନ ହେଲାଣି ତାଙ୍କ ମା' ଗମ୍ଭୀର ରୋଗରେ ପୀଡିତ ଥିଲେ ଯ ଜରୀନ ନିଜ ମା'ଙ୍କ ଦେଖାଶୁଣା କରୁଥିଲେ । ମା'ଙ୍କ ଦେହାନ୍ତ ପରେ ଜରୀନଙ୍କ ଜୀବନରେ ଏକ ଶୂନ୍ୟସ୍ଥାନ ରହିଗଲା, ଯାହା ପୂରଣ ହେବା ସମ୍ଭବ ନୁହେଁ ।

# ରାବିଡ଼ି ମାଲପୁଆ



ଆବଶ୍ୟକ ସାମଗ୍ରୀ: ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନରେ କ୍ଷୀର ଗରମ କରନ୍ତୁ। ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ। କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ।ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ। ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ। ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ। ଏବେ ଏକ କଡ଼େଇରେ ଘିଅ କିମ୍ବା ତେଲ ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ। ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ। ଛାଣିବା ପରେ ଏହାକୁ ଏକ ପ୍ଲେଟକୁ ବାହାର କରି ରଖନ୍ତୁ। ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା। ବର୍ତ୍ତମାନ ଏହି ଶିରାରେ ମାଲପୁଆଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟକୁ କାଢ଼ି ଆଣନ୍ତୁ। ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ ରାବିଡ଼ି ମାଲପୁଆ।

# ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।



କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।


# ପର୍ଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ ସହସ୍ରାର୍ଜୁନ



ହୈହବ ବଂଶର ରାଜା ଥିଲେ ଅର୍ଜୁନ। ସେ ଜଣେ ଶ୍ରେଷ୍ଠ କ୍ଷତ୍ରିୟ ଥିଲେ । ନାରାୟଣଙ୍କର ଅଂଶରେ ଜନ୍ମ ନେଇଥିବା ଦତ୍ତାତ୍ରେୟଙ୍କର ସେ ଅନେକ ପ୍ରକାରରେ ସେବା କରି ପ୍ରସନ୍ନ କଲେ । ଏକ ହଜାର ବାହୁ ଓ ଅପରାଜେୟ ରହିବାର ବର ଲାଭ କଲେ । ତାଙ୍କର କୃପାରୁ ଅନେକ ସମ୍ପତ୍ତି, ଅତୁଳନୀୟ ବଳ, ବୀରତା, କୀର୍ତ୍ତି ଓ ଶାରୀରିକ ବଳ ଲାଭ କଲେ । ସେ ନିଜର ଶକ୍ତି ବଳରେ ଅତି ଛୋଟ କିମ୍ବା ଅତି ବଡ଼ ରୂପ ଧାରଣ କରି ପାରୁଥିଲେ । ସେ ସଂସାରରେ ବାୟୁ ଭଳି ବିନା ବାଧାରେ ଚଳପ୍ରଚଳ ହୋଇ ପାରୁଥିଲେ । ଥରେ ବୈଜୟନ୍ତୀମାଳା ପିନ୍ଧି ସହସ୍ରବାହୁ ଅର୍ଜୁନ ଅନେକ ସୁନ୍ଦରୀ ସ୍ତ୍ରୀମାନଙ୍କ ସହିତ ନର୍ମଦା ନଦୀରେ ଜଳ ବିହାର କରୁଥିଲେ । ସେ ନିଜର ବାହୁ ଦ୍ୱାରା ନଦୀର ପ୍ରବାହକୁ ରୋକିଦେଲେ । ଦଶମୁଖ ରାବଣର ଶିବିର ସେହି ନଦୀ ନିକଟରେ ଥିଲା । ନଦୀର ଧାରା ବିପରୀତ ଦିଗରେ ବହିବାକୁ ଲାଗିଲା। ଫଳରେ ରାବଣର ଶିବିର ବୁଡ଼ିବାରେ ଲାଗିଲା । ରାବଣ ନିଜକୁ ବହୁତ ବଡ଼ ବୀର ବୋଲି ମଣୁଥିଲା । ତେଣୁ ସେ ସହସ୍ରାର୍ଜୁନର ଏପରି ପରାକ୍ରମ ସହି ପାରିଲା ନାହିଁ । ଯେତେବେଳେ ରାବଣ ସହସ୍ରାର୍ଜୁନ ପାଖକୁ ଯାଇ ତାକୁ ଗାଳି ଦେବାରେ ଲାଗିଲା ସେତେବେଳେ ସହସ୍ରାର୍ଜୁନ ତାହାକୁ କଣ୍ଢେଇ ଭଳି ଧରି ନେଇ ନିଜର ରାଜଧାନୀ ମାହିଷ୍ମତୀ ନଗରୀକୁ ନେଇଗଲା ଓ ସେଠାରେ ବନ୍ଦୀ କରି ରଖିଲା । ପରେ ପୁଲସ୍ତ୍ୟ ଋଷି କହିବାରୁ ସହସ୍ରାର୍ଜୁନ ରାବଣକୁ ଛାଡ଼ିଦେଲା । ଥରେ ସହସ୍ରାର୍ଜୁନ ଶିକାର କରିବା ପାଇଁ ଘୋର ଜଙ୍ଗଲକୁ ଯାଇଥିଲେ । ଦୈବବଶତଃ ସେ ଜମଦଗ୍ନିଙ୍କର ଆଶ୍ରମରେ ଯାଇ ପହଞ୍ଚିଲେ । ଜମଦଗ୍ନିଙ୍କର ଆଶ୍ରମରେ କାମଧେନୁ ରହୁଥିଲେ । ତାଙ୍କର ସାହାଯ୍ୟରୁ ଋଷି ସେନା, ମନ୍ତ୍ରୀ ଓ ବାହନଙ୍କ ସହିତ ସହସ୍ରାର୍ଜୁନର ସ୍ୱାଗତ କଲେ । ସେ ଦେଖିଲେ ଯେ,ଜମଦଗ୍ନିଙ୍କର ପ୍ରତାପ ଅଧିକ । ତେଣୁ ସେ ତାଙ୍କର ସ୍ୱାଗତ ସତ୍କାରକୁ ଆଦର ନ କରି କାମଧେନୁକୁ ନେବା ପାଇଁ ନିଜର ସେବକମାନଙ୍କୁ ଆଦେଶ ଦେଲେ । ଆଦେଶ ଶୁଣି ସେବକଗଣ କାମଧେନୁଙ୍କୁ ତାର ବାଛୁରୀ ସହିତ ମାହିଷ୍ମତୀ ନଗରୀକୁ ନେଇଗଲେ । ଯେତେବେଳେ ପର୍ଶୁରାମ ଆସିଲେ, ସେ ସହସ୍ରାର୍ଜୁନର ଏତାଦୃଶ କର୍ମରେ ଅତ୍ୟନ୍ତ କ୍ଷୁବ୍ଧ ହେଲେ । ସେ ନିଜର ଭୟଙ୍କର ଫାର୍ସା, ଢ଼ାଲ ଏବଂ ଧନୁ ନେଇ ତାରରାଜଧାନୀକୁ ଗଲେ । ସହସ୍ରାର୍ଜୁନ ନିଜର ରାଜଧାନୀରେ ପ୍ରବେଶ କରୁଥିଲା ବେଳେ ଦେଖିଲା ଯେ, ପର୍ଶୁରାମ ଅତ୍ୟନ୍ତ କ୍ରୋଧର ସହିତ ତା ଆଡ଼କୁ ମାଡ଼ି ଆସୁଛନ୍ତି । ତାହାକୁ ଦେଖିବା ମାତ୍ରେ ସେ ଅନେକ ଅସ୍ତ୍ର,ଶସ୍ତ୍ରରେ ସୁସଜ୍ଜିତ ହାତୀ, ଘୋଡ଼ା, ରଥ ତଥା ପଦାତି ଯୁକ୍ତ ସୈନ୍ୟମାନଙ୍କୁ ପଠାଇଲା । ପର୍ଶୁରାମ ନିଜର ଫାର୍ସା ସାହାଯ୍ୟରେ ସମସ୍ତ ସୈନ୍ୟମାନଙ୍କୁ ମାରିଦେଲେ । ସୈନ୍ୟମାନଙ୍କର ମୃତ୍ୟୁ ହେବାର ଦେଖି ସହସ୍ରାର୍ଜୁନ ନିଜେ ଆସି ପର୍ଶୁରାମ୍ଙ୍କ ସହିତ ଯୁଦ୍ଧ କଲା । ସେ ଥରକରେ ନିଜର ହଜାରେବାହୁରେ ପାଞ୍ଚଶହଟି ବାଣ ପର୍ଶୁରାମଙ୍କ ଉପରକୁ ଛାଡ଼ିଲା । ପର୍ଶୁରାମ୍ ନିଜର ଗୋଟିଏ ବାଣରେ ସେଗୁଡ଼ିକୁ କାଟି ପକାଇଲେ । ପର୍ଶୁରାମ ନିଜର ଫାର୍ଶା ସାହାଯ୍ୟରେ ସହସ୍ରାର୍ଜୁନର ବାହୁଗୁଡ଼ିକୁ କାଟିଦେଲେ । ପରେ ପର୍ଶୁରାମ୍ ତାର ମୁଣ୍ଡ କାଟି ପକାଇଲେ । ସହସ୍ରାର୍ଜୁନର ମୃତ୍ୟୁ ଦେଖି ତାର ୧୦ ହଜାର ପୁଅ ଭୟରେ ପଳାଇଗଲେ । ପରେ ପର୍ଶୁରାମ୍ କାମଧେନୁକୁ ଆଣି ଜମଦଗ୍ନିଙ୍କୁ ଫେରାଇ ଦେଲେ । ଏହିପରି ଭାବରେ ସହସ୍ରାର୍ଜୁନ ନିଜର ଗର୍ବ ଯୋଗୁଁ ପର୍ଶୁରାମଙ୍କ ଦ୍ୱାରା ନିହତ ହେଲା ।

# ଅନୁଚିତ ନିର୍ଣ୍ଣୟ ସମ୍ପର୍କରେ ସନ୍ତପ୍ତ ଥିଲେ ଗୌତମ ଋଷି

ମହର୍ଷିଗୌତମଙ୍କର ଜଣେ ଜ୍ଞାନୀ ପୁତ୍ର ଥିଲେ। ତାଙ୍କ ନାମ ଥିଲା ଚିରକାରୀ। ସେ ଭାବିଚିନ୍ତି କୌଣସି କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କ ନାମ ଚିରକାରୀ ହୋଇଥିଲା। କାର୍ଯ୍ୟରେ ବିଳମ୍ବ କରୁଥିବା କାରଣରୁ ଲୋକମାନେ ତାଙ୍କୁ ଅଳସୁଆ ଏବଂ ମନ୍ଦବୁଦ୍ଧି ମଧ୍ୟ କହୁଥିଲେ। ଦିନେ ମହର୍ଷି ଗୌତମ ନିଜ ପତ୍ନୀଙ୍କ କୌଣସି ଭୁଲ ସହିପାରିଲେ ନାହିଁ। ସେ କ୍ରୋଧିତ ହୋଇ ତାଙ୍କ ପୁତ୍ରକୁ କହିଲେ, ତୁ ତୋର ମାତାଙ୍କୁ ମାରିଦେ। ଏହା କହି ସେ ଜଙ୍ଗଲକୁ ଚାଲିଗଲେ। ନିଜ ସ୍ୱଭାବ ଅନୁଯାୟୀ ଚିରକାରୀ ଅନେକ ସମୟ ପର୍ଯ୍ୟନ୍ତ ଚିନ୍ତା କଲେ। ସେ ଭାବିଲେ, ପିତାଙ୍କ ଆଜ୍ଞା ପାଳନ କରିବା ମୋର ପରମଧର୍ମ ଅଟେ ଏବଂ ମାତାଙ୍କ ରକ୍ଷା କରିବା ମଧ୍ୟ ମୋର ପ୍ରଧାନ କର୍ତ୍ତବ୍ୟ। ଯେଉଁ ମାତା ମୋତେ ଜନ୍ମ ଦେଇଛନ୍ତି, ମୋର ଲାଳନ-ପାଳନ କରିଛନ୍ତି, ତାଙ୍କ ବଧ କିଭଳି କରିବି? ଯଦି ମୁଁ ଏହା ନକରୁଛି, ତା'ହେଲେ ପିତାଙ୍କ ଆଜ୍ଞାର ଉଲ୍ଲଙ୍ଘନ କରିବି। ଚିରକାରୀ ଅନେକ ସମୟ ପର୍ଯ୍ୟନ୍ତ ଚିନ୍ତା କଲେ। ଇତିମଧ୍ୟରେ ବହୁତ ସମୟ ବିତିଯାଇଥିଲା। କିନ୍ତୁ ସେ କିଛି ନିଷ୍ପତ୍ତି ନେଇପାରିଲେ ନାହିଁ। ସେପଟରେ ପୁତ୍ରକୁ ନିଜ ପତ୍ନୀଙ୍କ ବଧ କରିବା ଲାଗି ଆଜ୍ଞା ଦେଇ ଗୌତମ ଋଷି ବନକୁ ଚାଲିଯାଇଥିଲେ। କିନ୍ତୁ ତାଙ୍କ କ୍ରୋଧ ଶାନ୍ତ ହେବା ପରେ ସେ ନିଜର ଅନୁଚିତ ନିର୍ଣ୍ଣୟ ସମ୍ପର୍କରେ ଭାବି ସନ୍ତପ୍ତ ହୋଇପଡ଼ିଲେ। ସେ ନିଜ ପତ୍ନୀଙ୍କ ବଧ ସମ୍ପର୍କରେ ଭାବି କାନ୍ଦି ପକାଇଲେ। ପଶ୍ଚାତାପର ନିଆଁରେ ଜଳି ସେ କହିବାକୁ ଲାଗିଲେ, ଆଜି ମୁଁ ଅବିବେକୀ ହୋଇ ବଡ଼ ଅନର୍ଥ କରି ପକାଇଛି । ମୋର ସ୍ତ୍ରୀ ନିର୍ଦ୍ଦୋଷ। ମୁଁ ମୋର ପୁତ୍ର ସହାୟତାରେ ମୋର ପତିବ୍ରତା ପତ୍ନୀଙ୍କୁ ହତ୍ୟା କରିଦେଲି ! ଠିକ୍ ଏହି ସମୟରେ ତାଙ୍କୁ ତାଙ୍କ ପୁତ୍ରର ସ୍ୱଭାବ ବିଷୟରେ ମନେ ପଡ଼ିଲା। ସେ ନିଜ ପୁତ୍ରକୁ ସମ୍ବୋଧିତ କରିବାକୁ ଲାଗିଲେ-ପୁତ୍ର ଚିରକାରୀ ! ତୁମର କଲ୍ୟାଣ ହେଉ। ତୁମର ମଙ୍ଗଳ ହେଉଛି । ଯଦି ଆଜି ତୁମେ ବିଳମ୍ବରୁ କାର୍ଯ୍ୟ କରିବାର ସ୍ୱଭାବ ଅନୁକରଣ କରିଥିବ ତା'ହେଲେ ତୁମର ଚିରକାରୀ ନାମ ସଫଳ ହୋଇପାରିବ।



# ପୋଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ



ଭୁବନେଶ୍ୱର,୮।୪ **(ମହାଭାରତ):** ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ୯ମ ବ୍ୟାଚ ଡିଏସପି ପ୍ରୋବେସନରଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନବମ ବ୍ୟାଚର ୫ ଜଣ ଡିଏସପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡିଜିପି ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୋଲିସର ନୂତନ ଶକ୍ତି ଭାବେ ଜନସେବାରେ ନିବେଶିତ ହେବାକୁ ଆହ୍ୱାନ ଦେଇଥିଲେ।

ତାଙ୍କ ଉଦବୋଧନରେ ଡିଜିପି କହିଥିଲେ ଯେ, ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେଶାଦାର ଭାବେ ଗଢ଼ି ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହିତ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପୋଲିସ ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ଓଏସଏସଏଫ୍ , ଓଆଇଏସଏଫ୍ ଓ ଓଡ୍ରାଫ୍ ୟୁନିଟର ବିସ୍ତାର ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡିକ ପୋଲିସ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ। ସେହିପରି, ନୂତନ ଅପରାଧିକ ଆଇନଗୁଡିକର ସଠିକ୍ କ୍ରିୟାନ୍ୱୟନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ପୋଲିସର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। "ସେବା ଓ ସୁରକ୍ଷା" ହେଉଛି ଓଡ଼ିଶା ପୋଲିସର ମୂଳମନ୍ତ୍ର ଏବଂ ସମାଜର ଦୁର୍ବଳ ଶ୍ରେଣୀ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରଥମ କର୍ତ୍ତବ୍ୟ। ପେଶାଦାରିତା, ସମ୍ବେଦନଶୀଳତା ଓ ଉତ୍ତମ ବ୍ୟବହାର ଦ୍ୱାରା ପୋଲିସର ପ୍ରତିଚ୍ଛବିକୁ ଉଜ୍ଜ୍ୱଳ କରିବାକୁ ଡିଜିପି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ଗଭର୍ଣ୍ଣର ମେଡାଲ ଏବଂ ଟ୍ରଫି ସହିତ ଇନଡୋର ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନଆଇସିଏଫଏସ୍ ମେଡାଲ୍ ଅର୍ଜନ କରିଥିଲେ। ସେହିପରି ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ସମ୍ମାନିତ ହେବା ସହ ଆଉଟଡୋର ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ । ପଙ୍କଜ ମାଝୀ ଏଇଟି କୋର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର ଟ୍ରଫି ଲାଭ କରିଥିଲେ। ଏହି ସଫଳତା ପ୍ରଶିକ୍ଷାର୍ଥୀମାନଙ୍କର କଠୋର ପରିଶ୍ରମ, ନିଷ୍ଠା ଓ ଉଚ୍ଚ ମାନର ପ୍ରଶିକ୍ଷଣ ପାଇଁ ସମ୍ଭବ ହୋଇଥିଲ। ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ମହିଳା ଓ୍ ଶିଶୁ ଅପରାଧ ନିରାକରଣ ଶାଖା) ଶ୍ରୀମତୀ ଏସ. ସାଇନି, ବରିଷ୍ଠ ପୋଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆଗାମୀ ଦିନରେ ନିଶ୍ଚିତ ଭାବରେ ହେବ ମେଟ୍ରୋ

**ଭୁବନେଶ୍ୱର,୮।୪ (ମହାଭାରତ):** ଆଗାମୀ ଦିନରେ ନିଶ୍ଚିତ ଭାବରେ ହେବ ମେଟ୍ରୋ । ଏନେଇ ପୂର୍ବତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ବର୍ତ୍ତମାନ ସ୍ଥିତିରେ ମେଟ୍ରୋ କରିକି ନିଜର ନିର୍ବାଚନ ଚାଲ ଖେଳିବା ଏବଂ ମେଟ୍ରୋ କରିକି ପ୍ରତିବର୍ଷ ଦୁଇ ହଜାର କୋଟି କ୍ଷତି କରିବା ଆବଶ୍ୟକ ନାହିଁ । ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି । ମୋବିଲିଟି ପ୍ଲାନ ହେଲା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ ।ମେଟ୍ରୋକୁ ନେଇ ଯେଉଁ ଚୁକ୍ତି ହୋଇଥିଲା ଏହା ଫଲଟି କଂଟ୍ରାକ୍ଟ । ଯେଉଁଠି ଯେଉଁଠି ମେଟ୍ରୋ ହେଇଛି ସେଠି କେନ୍ଦ୍ର ସରକାରଙ୍କ ସହାଭାଗିତାରେ ହୋଇଛି । ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତବେଳେ ବ୍ୟବସ୍ଥା କଲେ ସେତବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହଭାଗିଥା ନ ନେଇକି ଷ୍ଟେଟ ପ୍ଲାନରୁ କରିବେ ବୋଲି ବସିଥିଲେ । ମେଟ୍ରୋର ଯେଉଁ ଆଲାଇଜମେଂଟ ତିଆରି ହୋଇଥିଲା ତାହା ନଟ ଫିଟ । ଯେଉଁ କମ୍ପାନୀ ତିଆରି ହୋଇଛି ମୋବିଲିଟି ପ୍ଲାନ ତିଆରି କରୁଛନ୍ତି । ଆଜିର ତାରିଖରେ ମେଟ୍ରୋ ଆମ ପାଇଁ ଲସ ମେକିଙ୍ଗ ପ୍ରକଳ୍ପ ହୋଇପାରେ । ପ୍ରତି ବର୍ଷ ହଜାରେ କି ଦୁଇ ହଜାର କୋଟି ଖର୍ଚ୍ଚ ହେବା ଅପେକ୍ଷା ଯେତିକି ଅଛି ପ୍ରକଳ୍ପକୁ ଷ୍ଟଲ ରଖିଛୁ । ଅପରିଣାମଦର୍ଶୀ ନିଷ୍ପତ୍ତି ଗତ ସରକାର ନେଇଥିଲେ । ମନ୍ତ୍ରୀ ସ୍ତରୀୟ କମିଟି ଯେଉଁ ନିଷ୍ପତ୍ତି ନେଇଥିଲେ ମୁଖ୍ୟମନ୍ତ୍ରୀ ଏବଂପୁରା



କ୍ୟାବିନେଟ ସହମତି ଅଛନ୍ତି । ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ସେମିତି ରହିବ । ପ୍ଲାନ ତିଆରି ହେଲା ପରେ ସାଇଂଟିଫିକ ୱେ ରେ ଆମେ ଆଗକୁ ଯିବାକୁ ପ୍ରସ୍ତୁତ ହେଉଛୁ । ମେଟ୍ରୋର ଆବଶ୍ୟକତା, ଯେଉଁ ରୁଟରେ ଆବଶ୍ୟକତା ସିଟିର ଏକ୍ସପନେସନ ସାଙ୍ଗରେ ଯାହା ପରିଲିକ୍ଷିତ ହେବ । ଯେଉଁକଥାକୁ ଅଣଦେଖା କରି ଗତ ସରକାର ଜବରଦସ୍ତ କରି ନିର୍ବାଚନରେ ଲୋକଙ୍କୁ ଦେଖାଯାଉ ବୋଲି ମେଟ୍ରୋ କରିଥିଲେ ।

# ବିଜେପି ଜନସେବାର ଏକ ଅନୁଷ୍ଠାନ

ଭୁବନେଶ୍ୱର,୮।୪ **(ମହାଭାରତ):** ବିଜେପି କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଜନସେବାର ଏକ ଅନୁଷ୍ଠାନ। ଆମର କୋଟି କୋଟି କାର୍ଯ୍ୟକର୍ତାଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁଁ ଆଜି ବିଜେପି ବିଶ୍ୱର ସର୍ବବୃହତ ସଂଗଠନ ହୋଇପାରିଛି । 'ମେରା ବୁଥ୍ ସବସେ ମଜବୁତ୍' କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆମ ସଂଗଠନର ମେରୁଦଣ୍ଡ ବୋଲି ଆଜି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଆଜି ପଶ୍ଚିମବଙ୍ଗର ଏଗ୍ରା, ମେଦିନୀପୁର ଗସ୍ତ କରି ଦଳୀୟ କାର୍ଯ୍ୟକର୍ତାଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏଗ୍ରା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଦଳୀୟ ପତାକା ଉତୋଳନ କରିବା ସହ ଦଳର ପ୍ରତିଷ୍ଠାତା ଓ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମସ୍ତ ସମର୍ପିତ କାର୍ଯ୍ୟକର୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଶ୍ରୀ



ପ୍ରଧାନ । ପରେ ମେଦିନୀପୁରର ବୁଥ୍ ସ୍ତରୀୟ କାର୍ଯ୍ୟକର୍ତାଙ୍କ ସହ ସିଧାସଳଖ ଆଲୋଚନା କରି ସ୍ଥାନୀୟ ସମସ୍ୟା ଓ ସାଂଗଠନିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରେ ସେ କହିଛନ୍ତି, ବିଜେପି ସର୍ବଦା ଜନସେବାର ଆଦର୍ଶକୁ ନିଜ କାର୍ଯ୍ୟର ଆଧାର କରିଛି। ଐତିହ୍ୟ ଏବଂ ବିକାଶର ପ୍ରେରଣାରେ ସଂଗଠନ ପ୍ରତିଟି ନାଗରିକଙ୍କ ସେବା ପାଇଁ ଅଟଳ ଭାବେ ପ୍ରତିଶ୍ରୁତିବଦ୍ଧ । କୋଟି କୋଟି କାର୍ଯ୍ୟକର୍ତା ଏହି ଅତୁଟ ସଂକଳ୍ପ ସହିତ ରାଷ୍ଟ୍ର ନିର୍ମାଣର ଯାତ୍ରାରେ ସମର୍ପିତ ଭାବେ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆଜିର ଦିବସ ସେହି ମହାନ ତପସ୍ୱୀ ଏବଂ ରାଷ୍ଟ୍ରନିଷ୍ଠ ନେତୃତ୍ୱଙ୍କୁ ପ୍ରଣାମ କରିବାର ଅବସର, ଯେଉଁମାନେ ସେବା, ସମର୍ପଣ ଏବଂ ସିଦ୍ଧାନ୍ତ ଆଧାରରେ ଏହି ସଂଗଠନକୁ ଜନ-ଆସ୍ଥାର ପ୍ରତୀକ ଭାବେ ଗଢ଼ି ତୋଳିଛନ୍ତି । ଗାଁ-ଗାଁକୁ ସଂଗଠନର ବିଚାରଧାରା ପହଂଚାଉଥିବା ଆମର କର୍ମଠ କାର୍ଯ୍ୟକର୍ତାଙ୍କ ତ୍ୟାଗ ଏବଂ ପରିଶ୍ରମ ହିଁ ବିଜେପିର ପ୍ରକୃତ ଶକ୍ତି । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଅନ୍ତ୍ୟୋଦୟ' ମନ୍ତ୍ରକୁ ପାଥେୟ କରି ବିକଶିତ ଭାରତ ଗଠନରେ ବଙ୍ଗଳାର କାର୍ଯ୍ୟକର୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।

# ବିଏମ୍‌ସି ପାଳିଲା ସ୍ୱଚ୍ଛ ଓଡିଶା ଦିବସ

ଭୁବନେଶ୍ୱର,୮।୪ **(ମହାଭାରତ):** ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ଆଉ ଏକ ପଦକ୍ଷେପ । ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା 'ଓଡିଆ ପକ୍ଷ' ଅବସରରେ ଆଜି ଥିଲା "ସ୍ୱଚ୍ଛ ଓଡିଶା ଦିବସ" । ଏହି ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏକା ସାଙ୍ଗରେ ୬ଟି ସ୍ଥାନରେ ଗଣ ସଫେଇ ହୋଇଥିଲା । ଏହି ଗଣସଫେଇ ଅଭିଯାନର ଶୁଭାରମ୍ଭ ହୋଇଥିଲା ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରୁ । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, କର୍ପୋରେଟର ଶ୍ରୀ



ଅଜୟ ବେହେରା, ଶ୍ରୀ ଶିବ ପ୍ରସାଦ ରାୟ, ଶ୍ରୀ ଶିବପ୍ରସାଦ ବେହେରା, ଶ୍ରୀ ଚନ୍ଦ୍ର ଶେଖର ମଲ୍ଲିଆ, ଗ୍ରୀଭାନ୍ସ ଷ୍ଟାଣ୍ଡିଂ କମିଟିର ଅଧକ୍ଷା ଶ୍ରୀମତୀ ବିନୟିନୀ ଜେନା, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁଙ୍କ ସହ ବହୁ ବରିଷ୍ଠ ଅଧିକାରୀ ମଂଚାସୀନ ଥିଲେ । ଏହି ଗଣସଫେଇ କାର୍ଯ୍ୟକ୍ରମରେ ଟିମ୍ ବିଏମ୍ ସି ସହ ବିଭିନ୍ନ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ପରିମଳ ନିରୀକ୍ଷକ ଏବଂ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ଓଡିଆ ପକ୍ଷକୁ ସଶକ୍ତ କରିବା ସହ ସ୍ୱଚ୍ଛ ସର୍ବେକ୍ଷଣକୁ ଆଉ ପାଦେ ଆଗେଇ ନେବା ପାଇଁ ସ୍ୱଚ୍ଛ ଓଡିଶା ଦିବସକୁ ଧୁମ୍ ଧାମରେ ପାଳନ କରାଯାଇଥିଲା । ଆଜି ଏକା ସାଙ୍ଗରେ ନନ୍ଦନ କାନନ ଜୁଲୋଜିକାଲ ଗାର୍ଡେନ, ପଟିଆ ଜଗନ୍ନାଥ ମନ୍ଦିର, ବରମୁଣ୍ଡା ବସଷ୍ଟାଣ୍ଡ, ଖଣ୍ଡଗିରି ଓ ଉଦୟଗିରି, ଭୁବନେଶ୍ୱର ରେଳବାଇ ଷ୍ଟେସନ ଓ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଗଣସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରତ୍ୟେକ ସ୍ଥାନରେ ୧୫୦ରୁ ଅଧିକ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଏସ୍.ଆଇଙ୍କ ସହ ଟିମ୍ ବିଏମ୍ ସି ରହିଥିବା ବେଳେ ଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରେ ମେୟର ଓ କମିଶନର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ ୪୦୦ କର୍ମୀଙ୍କ ସହ ସାଧାରଣ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଟାଟା ମୋଟର୍ସ ଇଲେକ୍ଟ୍ରିକ୍ ସିଭି ପୋର୍ଟଫୋଲିଓର ସମ୍ପ୍ରସାରଣ

ଭୁବନେଶ୍ୱର,୮।୪ **(ମହାଭାରତ):** ଟାଟା ମୋଟର୍ସ, ଭାରତର ବୃହତମ ବାଣିଜ୍ୟିକ ଯାନ ନିର୍ମାତା, ଆଜି ସମ୍ପୂର୍ଣ୍ଣ ନୂତନ ଟାଟା ଇଂଟ୍ରା ଇଭି ପିକଅପ ଶୁଭାରମ୍ଭ କରିବା ସହିତ ବୈଦ୍ୟୁତିକ ବାଣିଜ୍ୟିକ ଗତିଶୀଳତା କ୍ଷେତ୍ରରେ ନିଜର ନେତୃତ୍ୱକୁ ଆହୁରି ମଜବୁତ କରିଛି। ନିଜର ବୈଦ୍ୟୁତିକ କ୍ଷୁଦ୍ର ବାଣିଜ୍ୟିକ ଯାନ ପୋର୍ଟଫୋଲିଓକୁ ସମ୍ପ୍ରସାରିତ କରି, ଏହି ନୂତନ ପିକଅପ ଭରସାଯୋଗ୍ୟ ଇଂଟ୍ରା ମଂଚ୍ର ଶକ୍ତି ଏବଂ ଏକ ସ୍ୱତନ୍ତ୍ର ବୈଦ୍ୟୁତିକ କୁଶଳୀତାର ସମନ୍ୱୟ ଆଣିଛି – ଯାହା ଭାରତର ପରିବର୍ତନଶୀଳ ମାଲବହନକାରୀ ଆବଶ୍ୟକତା ପାଇଁ ଏକ ନିର୍ଭରଯୋଗ୍ୟ ଏବଂ ଅଧିକ ରୋଜଗାରକ୍ଷମ ସମାଧାନ ପ୍ରଦାନ କରିବ। ଏହା ସାରା ଦେଶରେ ଟାଟା ମୋଟର୍ସର ବାଣିଜ୍ୟିକ ଯାନ ବିକ୍ରେତା ଗୁଡ଼ିକରେ ୧୧.୯୫ ଲକ୍ଷ ଟଙ୍କାର ଅଦ୍ୱିତୀୟ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଟାଟା ଇଂଟ୍ରା ଇଭି ପିକ୍ଅପ ଶୁଭାରମ୍ଭ ଅବସରରେ ଗିରିଶ ୱାଘ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ, ଟାଟା ମୋର୍ଟସ ଲିମିଟେଡ଼ କହିଛନ୍ତି, "ସବୁଜ ଗତିଶୀଳତା ପ୍ରତି ଆମର ପ୍ରତିବଦ୍ଧତା ଏଭଳି ସ୍ଥାୟୀ ସମାଧାନ ପ୍ରଦାନ କରିବା ଉପରେ କେନ୍ଦ୍ରିଭୂତ, ଯାହା ଭାରତର ବିଭିନ୍ନ ବାଣିଜ୍ୟିକ ଆବଶ୍ୟକତା ପାଇଁ ପ୍ରାସଙ୍ଗିକ ଅଟେ। ଆମର ବୈଦ୍ୟୁତିକ ମିନି ଟ୍ରକ୍ ପ୍ରତି ମିଳିଥିବା ଦୃଢ଼ ବଜାର ପ୍ରତିକ୍ରିୟା ଏବଂ ଦେଶର ୧୦ଟି ସହରରେ ସଫଳତାର ସହ ଚାଲୁଥିବା ବୈଦ୍ୟୁତିକ ବସ୍ ସେବା ପରେ, ଆମେ ଚ୍ଳିତ ବର୍ଷ ଆରମ୍ଭରେ ଆମର ପରବର୍ତି ପିଢ଼ିର ବୈଦ୍ୟୁତିକ ଟ୍ରକ ଉନ୍ମୋଚ୍ନ କରିଥିଲୁ ଏବଂ ବର୍ତମାନ ବୈଦ୍ୟୁତିକ ପିକଅପ ଶୁଭାରମ୍ଭ କରି ଆମେ ଆହୁରି ଆଗକୁ ବଢୁଛୁ।

# ମେଟ୍ରୋ ପ୍ରକଳ୍ପ ବାତିଲ ସରକାରଙ୍କ ହୀନମନ୍ୟତାର ପରିଚୟ

ଭୁବନେଶ୍ୱର,୮।୪ **(ମହାଭାରତ):** ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ ସରକାର ବାତିଲ କରିବା ନିଷ୍ପତ୍ତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, କଟକ ମେୟର ଶ୍ରୀ ସୁବାଷ ସିଂ ଓ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ପ୍ରକଳ୍ପର ବାତିଲ ନିଷ୍ପତ୍ତିକୁ ବିରୋଧ କରିବା ସହିତ ଏହାର ପୁନଃବିଚାର କରିବା ପାଇଁ ଦାବି କରିଥିଲେ।

ଶ୍ରୀ ଅଶୋକ ପଣ୍ଡା କହିଛନ୍ତି, ରାଜଧାନୀ ଭୁବନେଶ୍ୱର ଓ କଟକ ସହରର ବାସିନ୍ଦାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦୁଇ ସହର ମଧ୍ୟରେ



ଗମନା ଗମନର ଉନ୍ନତି ପାଇଁ ମେଟ୍ରୋ ପ୍ରକଳ୍ପକୁ ଆରମ୍ଭ କରାଯାଇଥିଲା । ଦୁଃଖ ଓ ପରିତାପର ବିଷୟ, ରାଜ୍ୟ ବିଜେପି ସରକାର ହିନମନ୍ୟତାର ପରିଚୟ ଦେଇ ଏଭଳି ନିଷ୍ପତ୍ତି ନେଇଛନ୍ତି । ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରାଯିବାକୁ ନେଇ ମନ୍ତ୍ରୀମାନେ ଭିନ୍ନ ଭିନ୍ନ କଥା କହୁଛନ୍ତି, ଏହା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ। ଶ୍ରୀ ଅନନ୍ତ ନାରାୟଣ ଜେନା କହିଛନ୍ତି, ଦେଶର ୧୮ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ସଫଳତାର ସହିତ ଚାଲୁଛି । ଗମନାଗମନ କ୍ଷେତ୍ରରେ ମେଟ୍ରୋ ଏକ ମାଇଲଖୁଣ୍ଟ ହୋଇଥାନ୍ତା । ପୂର୍ବରୁ ଡିପିଆର ପ୍ରସ୍ତୁତ ହେବା ସମୟରେ ଏହା କ୍ଷତି ହେବ ବୋଲି ଆକଳନ ହୋଇନଥିଲା । ଏବେ କିପରି କ୍ଷତି ହେବ ବୋଲି କୁହାଯାଉଛି ? ମେଟ୍ରୋ ଚାଲିଲେ ବର୍ଷକୁ ଦୁଇ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ରାଜ୍ୟ ବିଜେପି ସରକାର କହୁଥିବା କଥା କେବଳ ମନଗଢା କାହାଣୀ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ, ନବୀନ ପଟ୍ଟନାୟକଙ୍କୁ ଶ୍ରେୟ ମିଳିବ ବୋଲି ବିଜେପି ସରକାର ଏଭଳି ନିଷ୍ପତ୍ତି ନେଇଛି ।

# ବିଏନ୍ଆଇ ସାଫାୟାର୍‌ର ନେତୃତ୍ୱଙ୍କ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର,୮।୪ **(ମହାଭାରତ):** ବିଏନ୍ଆଇ (ବିଜିନେସ୍ ନେଟୱ୍ୱର୍କ ଇଣ୍ଟରନ୍ୟାସନାଲ) ଚାପ୍ଟର ବିଏନ୍ଆଇ ସାଫାୟାର୍‌ର ସାପ୍ତାହିକ ବୈଠକରେ ଏପ୍ରିଲ-ସେପ୍ଟେମ୍ବର ୨୦୨୬ ନିମନ୍ତେ ନୂତନ ନେତୃତ୍ୱଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି। ନୂତନ ନେତୃତ୍ୱକାରୀ ଟିମ୍‌ରେ ପ୍ରେସିଡେଣ୍ଟ ସନ୍ତୋଷ ସେନାପତି, ଭାଇସ୍ ପ୍ରେସିଡେଣ୍ଟ ଚୌଧୁରୀ ନିକେଶ କୁମାର ପାତ୍ର, ସେକ୍ରେଟାରୀ/ଟ୍ରେଜରର୍ ପ୍ରୀତି ପ୍ରକାଶ ନାୟକ ଏବଂ ଲିଡ ଭିଜିଟର୍ ହୋଷ୍ଟ ଡ.ସସ୍ମିତା ସାହୁ ରହିଛନ୍ତି। ବିଏନ୍ଆଇ ସାଫାୟାର 'ଗିଭର୍ସ ଗେନ୍' ଦର୍ଶନ ଜରିଆରେ ସେମାନଙ୍କର ବ୍ୟବସାୟରେ ବୃଦ୍ଧି ଘଟାଇବାକୁ ସହଯୋଗୀତା କରୁଥିବା ୫୭ ବ୍ୟବସାୟ ସଂସ୍ଥାର ମାଲିକ ଓ ଉଦ୍ୟୋଗୀଙ୍କୁ ସମ୍ପ୍ରତି ଏକତ୍ର କରୁଛି। ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରେସିଡେଣ୍ଟ ସନ୍ତୋଷ ସେନାପତି କହିଥିଲେ ଯେ, ବିଏନ୍ଆଇ ସାଫାୟାର ଭୁବନେଶ୍ୱରରେ ବିଏନ୍ଆଇର ୬ଷ୍ଠ ଚାପ୍ଟର ଏବଂ ଏହା ସହରର ବ୍ୟବସାୟ ନେଟୱ୍ୱର୍କିଂ ପରିବ୍ୟବସ୍ଥାକୁ ସୁଦୃଢ଼ କରିବାରେ ନିରନ୍ତର ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ସମ୍ପ୍ରତି ବିଏନ୍ଆଇ ଭୁବନେଶ୍ୱର ୭ଟି ଚାପ୍ଟର ସହିତ ୩୫୦ରୁ ଅଧିକ ସଦସ୍ୟକୁ ବୃଦ୍ଧିପାଇଛି ଏବଂ ଏହା ଏହି ଅଞ୍ଚଳରେ ଅନ୍ୟତମ ସର୍ବାଧିକ ଶକ୍ତିଶାଳୀ ଔଦ୍ୟୋଗିକ ନେଟୱ୍ୱର୍କ ହୋଇଛି। ଗତ ୧୨ ମାସ ଧରି ସଦସ୍ୟମାନେ ସୁଂସଗଠିତ ସୁପାରିଶଗୁଡିକ (ରେଫରାଲ) ଜରିଆରେ ୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବ୍ୟବସାୟ ସୃଷ୍ଟି କରିଛନ୍ତି। ବିଏନ୍ଆଇ ଜରିଆରେ ୩୫୦ରୁ ଅଧିକ ଖ୍ୟାତିସମ୍ପନ୍ନ ବ୍ୟବସାୟ ସଂସ୍ଥାର ମାଲିକ ସଂଯୁକ୍ତ ହୋଇଥିବାବେଳେ ଏହା ଭୁବନେଶ୍ୱରରେ ଏକମାତ୍ର ଆନ୍ତର୍ଜାତିକ ମାନର ବ୍ୟବସାୟ ନେଟୱ୍ୱର୍କିଂ ପ୍ଲାଟଫର୍ମ ହୋଇଛି।

# ଗୁରୁ କେଲୁଚରଣ ୱାକର୍ସ ପରିବାରର ବନ୍ଧୁମିଳନ

ଭୁବନେଶ୍ୱର,୮।୪ **(ମହାଭାରତ):** ଗୁରୁ କେଲୁଚରଣ ପାର୍କ ୱାକର୍ସ ପରିବାର ପକ୍ଷରୁ ଡମଣା ଗ୍ରାମ ସ୍ଥିତ ମହିମା ଟୁଙ୍ଗୀ ପରିସରରେ



ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡମଣା ଦୁର୍ଗାପୂଜାର ପ୍ରତିଷ୍ଠାତା ସଭାପତି ତଥା ସମାଜସେବୀ ନିଶାକର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର ଯୋଗଦେଇ କହିଥିଲେ ସହରରେ ବନ୍ଧୁତ୍ୱ ଯୋଡିବା ଏତେ ସହଜ ନୁହେଁ। ନିଶାକର ସାହୁଙ୍କ ଉଦ୍ୟମରେ ପ୍ରାତଃଭ୍ରମଣକାରୀଙ୍କ ମଧ୍ୟରେ ଗଢି ଉଠିଥିବା ସଂଗଠନଟି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଦ୍ୱାରା ଭାଇଚାରା ସମ୍ପର୍କ ମଜବୁତ ହେବା ସହ ସାମାଜିକ ଏକତାକୁ ଶକ୍ତିଶାଳୀ କରିବ। ଅନ୍ୟମାନଙ୍କ ମଧ୍ୟରେ ଡ. ରାକେଶ ରଞ୍ଜନ ପଣ୍ଡା, ଡ. ଶୁଭଲକ୍ଷ୍ମୀ ସାହୁ, ନନ୍ଦ କିଶୋର ସାହୁ, ଅମୀୟ ନାୟକ, ସୁଶାନ୍ତ ପଟ୍ଟନାୟକ, ସଞ୍ଜୟ ମିଶ୍ର, ବାବୁଲି କାଷ୍ଠା, ଲକ୍ଷ୍ମୀଧର ଭୂୟାଁଙ୍କ ସମେତ ୩୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଟୁଙ୍ଗୀର ପ୍ରାକୃତିକ ପରିବେଶରେ ଆମୋଦ ପ୍ରମୋଦ କରିଥିଲେ। ଆଗାମୀ ଦିନରେ ଡମଣା ଗାଁ ସହିତ ଗୁରୁ କେଲୁଚରଣ ପାର୍କର କିପରି ଉନ୍ନତି ଘଟିବ ସେ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀ ସାହୁ ବକ୍ତବ୍ୟ ରଖି କହିଥିଲେ ସଂଗଠନ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ।

# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଅଟିଜିମ୍ ସଚେତନତା

ଭୁବନେଶ୍ୱର,୮।୪ **(ମହାଭାରତ):** କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍- 'ସେନ୍ ଗ୍ଲୋବ' ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବେଶ ପ୍ରଶଂସନୀୟ। ଏଭଳି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ବିକାଶରେ ହିଁ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ଏହା ଏକ ରୋଗ ନୁହେଁ ବରଂ ଏକ ଅବସ୍ଥା ବୋଲି କୁହାଯାଇପାରେ। ତେବେ ସେମାନଙ୍କଠାରେ ଅନେକ ଅନ୍ତର୍ନିହିତ ଗୁଣ ଲୁକ୍‌କାୟିତ ଭାବେ ରହିଛି। ସମସ୍ତଙ୍କର ମିଳିତ ସହଯୋଗ ରହିଲେ ସେମାନଙ୍କ ଏହି ଗୁଣର ପରିପ୍ରକାଶ ହୋଇପାରିବ। ଏଥିପାଇଁ ଯଥେଷ୍ଟ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ। ସେମାନଙ୍କ ବିକାଶ



ଦିଗରେ ରାଜ୍ୟ ସରକାର ମଧ୍ୟ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେମାନେ ଯେଭଳି ସମାଜରେ ସମାନ ଭାବେ ଚଳିବେ ଓ ସେମାନଙ୍କୁ ସମାନ ସମ୍ମାନ ଓ ଅଧିକାର ମିଳିବ ସେଥିପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଏହି ସ୍ୱତନ୍ତ୍ର ପିଲାଙ୍କ ବିକାଶ ଲାଗି ସମୟ ଓ ଧୈର୍ଯ୍ୟ ନିହାତି ଆବଶ୍ୟକ। ସେନ୍ ଗ୍ଲୋବ୍‌ରେ ସେମାନଙ୍କ ଯତ୍ନ ନେଉଥିବା କର୍ମଚାରୀ ଓ ଶିକ୍ଷକଙ୍କ ସେମାନଙ୍କ ନିଷ୍ଠା ପାଇଁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହି ପିଲାଙ୍କୁ ଯେତେ ସମୟ ଓ ଧୈର୍ଯ୍ୟ ଦେବେ ସେହି ଅନୁସାରେ ସେମାନଙ୍କଠାରେ ଉନ୍ନତି ପରିଲକ୍ଷିତ ହେବ। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସହ ସେନ୍ ଗ୍ଲୋବ୍ ମିଶି କାମ କରୁଥିବାରୁ ଏହି ପିଲାଙ୍କୁ ଅଧିକ ଏକସପୋଜର ମିଳି ପାରୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟରାପର୍ସନ ଡ. ମୋନା ଲିସା ବଳ କହିଲେ, ଗତ ୧୨ ବର୍ଷ ଧରି କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଅତି ନିଷ୍ଠାର ପରିଚାଳନା ହେଉଛି। ଇତି ମଧ୍ୟରେ ତିନିଜଣ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥାରେ ପରିବର୍ତ୍ତନ ପରେ ସେମାନଙ୍କୁ ସାଧାରଣ ସ୍କୁଲ୍‌ରେ ଅନ୍ୟ ପିଲାଙ୍କ ସହ ପାଠ ପଢ଼ିବାରେ ସକ୍ଷମ ହୋଇପାରିଥିବା ଡ. ବଳ ସୂଚନା ଦେଇଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଜେଡି ଏବଂ କଂଗ୍ରେସ ଏକ

ବିଜୁଙ୍କ ପ୍ରଶଂସାରେ ଏବେ ଦୁଇ ମୁଖ୍ୟ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ଏକ ହୋଇଛନ୍ତି। ରାଜ୍ୟସଭା ନିର୍ବାଚନ ପରଠାରୁ କଂଗ୍ରେସ ଓ ବିଜେଡି ମଧ୍ୟରେ ଦୂରତ୍ୱ ହ୍ରାସ ପାଉଛି। ଠିକ ଯେମିତି ୧୯୯୭ରେ ଓଡ଼ିଶାରେ ବିଜେପି ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଏକାଠି ହୋଇଥିଲେ, ଏବେ ଠିକ ସେହିପରି ଭାବେ ବିଜେଡି ଓ କଂଗ୍ରେସ ଏକାଠି ହେବାକୁ ଯାଉଥିବା ମନେ ହେଉଛି। ନବେ ଦଶାକର ଦ୍ୱିତୀୟାର୍ଦ୍ଧରେ ଓଡ଼ିାରେ କଂଗ୍ରେସକୁ ପରାଜିତ କରିବା ପାଇଁ ବାମପନ୍ଥୀଙ୍କୁ ଛାଡ଼ି ବିଜେପି ସହ ହାତ ମିଳାଇଥିଲା ବିଜୁ ଜନତା ଦଳ। ଏହା ଥିଲା ସମୟର ଆବଶ୍ୟକତା। ଏହା ସଫଳ ହୋଇଥିଲା ଏବଂ ଓଡ଼ିଶା ରାଜନୀତିର ମୋଡ଼ ବଦଳାଇଦେଇଥିଲା। ବିଜୁଙ୍କ ପରଲୋକ ପରେ ରାଜ୍ୟ ରାଜନୀତିରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଅଶୀ ଏବଂ ନବେ ଦଶକରେ ବିଜୁ ବାବୁ ଥିଲେ ଜାତୀୟ ରାଜନୀତିରେ ବିରୋଧୀ ବା ଅଣକଂଗ୍ରେସ ରାଜନୀତିର ମୁଖ୍ୟ ବିନ୍ଧାଣୀ ଏବଂ କ୍ରାଇସିସ ମ୍ୟାନେଜର। ସେ ହିଁ ଜନତା ପରିବାରର ମୁଖ୍ୟ ନାୟକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନିର୍ଦ୍ଦେଶରେ ବରିଷ୍ଠ ନେତାମାନେ ନିରବ ହୋଇଯାଉଥିଲେ। ଅଣକଂଗ୍ରେସ ଦଳମାନଙ୍କୁ ଏକାଠି କରି ଦେଶରୁ ଗୋଟିଏ ପରିବାରର ଶାସନକୁ ଅନ୍ତ କରିବା ଏବଂ ଏକଛତ୍ରବାଦକୁ ଧ୍ୱଂସ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ନିଜ ଜୀବଦ୍ଦଶାରେ ସେ କେବେ ନିଜ ପରିବାରର କାହାରିକୁ ରାଜନୀତିକୁ ଆଣିନଥିଲେ। ତାଙ୍କ ବ୍ୟକ୍ତିତ୍ୱ ଆଗରେ ଦେଶର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ମୁଣ୍ଡ ନୁଆଁଉଥିଲେ। ସେ ଥିଲେ ଏଭଳି ଜଣେ ନେତା, ଯିଏ ରାଷ୍ଟ୍ରପତିଙ୍କ କାନ୍ଧକୁ ଚାପି ଆସନରେ ବସିବାକୁ ବାଧ୍ୟ କରିପାରୁଥିଲେ। ସେ ଥିଲେ ଏଭଳି ଜଣେ ନେତା ଯାହାଙ୍କୁ ଡକ୍ଟର ଏ ପି ଜେ ଅବଦୁଲ କଲାମଙ୍କ ଭଳି ବ୍ୟକ୍ତି ମୁଣ୍ଡ ନୁଆଁଇ ପ୍ରଣାମ କରୁଥିଲେ। ଦେଶର ଅନେକ ନେତା ରାଜନୀତି ମାଧ୍ୟମରେ କୋଟିପତି ହୋଇଛନ୍ତି। କିନ୍ତୁ ବିଜୁ ପଟ୍ଟନାୟକ କୋଟିପତିରୁ ରାଜନୀତି କରି ସର୍ବସ୍ୱ ହରାଇଥିଲେ। ଆଧୁନୀକ ଓଡ଼ିଶାର ସେ ହେଉଛନ୍ତି ନିର୍ମାତା। ତାଙ୍କ ନାମରେ ଆଜି ବି ଭୋଟ ରହିଛି। ତାଙ୍କୁ କେନ୍ଦ୍ରୀଭୂତ କରି ଓଡ଼ିଶା ରାଜନୀତି ଚାଲିଛି। ଆଜି ଷାଠିଏ ବର୍ଷ ହେବ ଜଣେ ବ୍ୟକ୍ତିଙ୍କୁ ନେଇ ଏକ ରାଜ୍ୟର ରାଜନୀତି ଚାଲିଛି ଏହା କିଛି କମ କଥା ନୁହେଁ। ନିଶିକାନ୍ତ ଦୁବେଙ୍କ କ୍ଷମା ପ୍ରାର୍ଥନା ପରେ ବିବାଦର ଅନ୍ତ ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଏଥିରେ ହସ୍ତକ୍ଷେପ କରିଛନ୍ତି। କିନ୍ତୁ ଏହି ଘଟଣା ଅନେକ ଦିନ ପର୍ଯ୍ୟନ୍ତ ଓଡ଼ିଶା ରାଜନୀତିରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ। ଏହା ହିଁ ଏକ ପ୍ରସଙ୍ଗ ଯାହା ଓଡ଼ିଶାରେ ଦୁଇ ମୁଖ୍ୟ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସକୁ ଏକାଠି କରିଛି। ଏପରିକି ବାମପନ୍ଥୀମାନେ ମଧ୍ୟ ବିଜୁଙ୍କ ସମାଲୋଚନା ବିରୋଧରେ ବିଜେଡି ଓ କଂଗ୍ରେସ ସହ ସ୍ୱର ମିଳାଇଛନ୍ତି। ଅର୍ଥାତ ଆଗାମୀ ଦିନରେ ଓଡ଼ିଶାରେ କ୍ଷମତାସୀନ ବିଜେପି ବିରୋଧରେ ଏହି ତିନି ଦଳ ଏକାଠି ହୋଇପାରନ୍ତି। ହୁଏତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ମୂଳଦୁଆ ପଡ଼ିପାରେ। ୨୦୨୯ ସାଧାରଣ ନିର୍ବାଚନରେ ବିଜେପିକୁ ହରାଇବା ନିମନ୍ତେ ଜାତୀୟ ସ୍ତରରେ କଂଗ୍ରେସ ସହ ଅନ୍ୟ ସମଭାବାପନ୍ନ ଦଳମାନେ ଏକାଠି ହେଉଛନ୍ତି। ଏଥିପାଇଁ ଇଣ୍ଡିଆ ମେଣ୍ଟ ଗଠିତ ହୋଇଛି। ଏଥିରେ ବିଜେଡି ସାମିଲ ହୋଇପାରେ। ଯଦି ଏହା ହୁଏ ତେବେ କଂଗ୍ରେସ ସବୁଠାରୁ ଅଧିକ ଲାଭବାନ ହେବ ଏବଂ ସଂସଦରେ ନିଜ ଆସନ ସଂଖ୍ୟା ବଢ଼ାଇବାରେ ସଫଳ ହୋଇପାରେ। କିନ୍ତୁ କଂଗ୍ରେସ ସହ ହାତ ମିଳାଇ ବିଜେଡି ଯେ ଆତ୍ମହତ୍ୟା କରିବ ସେଥିରେ ସନ୍ଦେହ ନାହିଁ। ବିଜୁ ବାବୁ ନିଜ ରାଜନୈତିକ ଜୀବନର ଶେଷ ତିନି ଦଶନ୍ଧି କଂଗ୍ରେସ ବିରୋଧରେ ଲଢ଼ିଥିଲେ। ଅଣ କଂଗ୍ରେସ ରାଜନୀତିର ସେ ଥିଲେ କର୍ଣ୍ଣଧାର।

# ସାମୂହିକ ଚେତନା ଓ ଭାରତୀୟ ସମାଜ

॥ ଗୋପାଳ ମହାପାତ୍ର ॥

ଭାରତୀୟ ସମାଜ ରାଜନୈତିକ କେନ୍ଦ୍ରିତ ନୁହେଁ, ଅଧିକତର ଭାବେ ସମାଜ କେନ୍ଦ୍ରୀତ। ଜାତି ଏବଂ ସଂପ୍ରଦାୟ ତଥା ଉପଜାତି ପ୍ରଥା ପ୍ରାଚୀନ କାଳରୁ ରହିଛି। ଦେଶରେ ବର୍ଗ ବିଭାଜନ ଏକ ତଥ୍ୟ ଅଟେ, କିନ୍ତୁ ଏହା ସାମାଜିକ ପ୍ରଖର ଚେତନା ନୁହେଁ। ଚେତନ ଏବଂ ଅବଚେତନ ଅବସ୍ଥା ପର୍ଯ୍ୟନ୍ତ ଜାତି ଓ ସଂପ୍ରଦାୟର ପରିଚୟ ଏବଂ ଏହା ପ୍ରତି ସାମୁହିକ ପ୍ରତିବଦ୍ଧତା ରହିଛି ହେଲେ ଜୀବନ ଜୀବିକା କଥା ମଧ୍ୟ ରହିଛି। ଜାତି ଓ ସଂପ୍ରଦାୟ ମାନେ ନିଜ ନିଜର ପରିଚୟକୁ ହିଁ ନିଜର ଅସ୍ତିତ୍ୱ ବୋଲି ମାନି ନେଇଥାନ୍ତି ଏବଂ ଏଥିପାଇଁ ଲଢେଇ ମଧ୍ୟ ଚାଲିଥାଏ। ସାଧାରଣ ସାମାଜିକ ବ୍ୟବହାରରେ ବିଶେଷ କରି କର୍ମକାଣ୍ଡ ଓ ପରମ୍ପରା ପାଇଁ ଲଢେଇ ଚାଲିଥାଏ। ବର୍ଗ ଚରିତ୍ର ବା ବର୍ଗ ସଂଘର୍ଷ ଔଦ୍ୟୋଗିକ କ୍ରାନ୍ତି ଏବଂ ବିଦେଶୀ ମାନସିକତାରୁ ସୃଷ୍ଟ ବୋଲି ଅନେକଙ୍କ ମତ। ବର୍ଗ ଚରିତ୍ର ଶାସନ ଅର୍ଥ ଚାରିପଟେ ଘୁରି ବୁଲୁଥାଏ। ଭାରତରେ କେବଳ ସମାଜ ନୁହେଁ ରାଜନୀତି ମଧ୍ୟ ଜାତି ଓ ସଂପ୍ରଦାୟର ପରିଧି ମଧ୍ୟରେ ଲୋକତାନ୍ତ୍ରିକ। ଦେଶ, ସମାଜ, ମୂଲ୍ୟବୋଧ ଭଳି ପ୍ରସଙ୍ଗ ଜାତି ଓ ସଂପ୍ରଦାୟର ଜାଲରେ ଛନ୍ଦିହୋଇ ପଡିଛି। ଏବେ ଜାତି ବିଭାଜନ, ସମାଜର ବିଭାଜନ ଏପରିକି ସାଂପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଭାଙ୍ଗିବାର ପ୍ରୟାସ ଚାଲିଛି। ବର୍ତ୍ତମାନର ସମାଜ ଅତୀତର ଗୌରବକୁ ଖୋଜିବାରେ ଲାଗିଛି। ଜାତି ଓ ସଂପ୍ରଦାୟର ଦ୍ୱାହି ଦେଇ ପ୍ରକୃତ ପ୍ରସଙ୍ଗକୁ ଦୁରେଇ ଦେବାର ଉଦ୍ୟମ ହେଉଛି। ସାଧାରଣ ଲୋକେ ମଧ୍ୟ ଏଥିରେ ଭ୍ରମିତ ହେଉଛନ୍ତି।

ପଶ୍ଚିମୀ ଦେଶ ମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଧର୍ମଯୁଦ୍ଧ 'କୃସେଡ୍' ଲଢିଥିଲେ ଏବଂ ଅଶ୍ୱେତ (ଅଣଗୋରା) ମାନେ ଦୀର୍ଘ ଦିନର ସଂଘର୍ଷ ପରେ ସାଧାରଣ ନାଗରିକର ଅଧିକାର ପାଇଥିଲେ। ଭାରତରେ ଭିନ୍ନତା ବିଷମତା ରହିଛି। ଭାରତର ଅନେକ ଭାଷାଭାଷୀ ଲୋକ ରହୁଛନ୍ତି। ସେମାନଙ୍କର ଖାଦ୍ୟ ପାନୀୟ, ବେଶଭୁଷା, ସାମାଜିକ ଚଳଣି ଏବଂ ବିଚାର ମଧ୍ୟ ଭିନ୍ନ। ଗୋଟିଏ ଅଞ୍ଚଳରେ ମଧ୍ୟ ଏଭଳି ଭିନ୍ନତା ରହିଛି। ମଣିପୁର ହିଂସା ହେଉଛି ଏହାର ଏକ ସଦ୍ୟ ଉଦାହରଣ ଏବଂ ମଣିପୁର ଘଟଣାକୁ ନେଇ ସମାଜର ଭିନ୍ନ ଭିନ୍ନ ମତ ରହିଛି। ଏଭଳି ବିଷମତା ଏବଂ ଭିନ୍ନତା ଥିବା ଭାରତରେ ପ୍ରାକୃତିକ ବିପଦ ଏବଂ ଆକସ୍ମିକ ସ୍ଥିତିରେ ଏକଜୁଟତା ମଧ୍ୟ ଦେଖାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ ନେତାଙ୍କ ହାତର ଖେଳନା ବନି ଯାଇଛି। ଜଣକୁ ଅନ୍ୟ ଜଣକ ବିରୁଦ୍ଧରେ ଲଢେଇ ନେତା ଭୋଟ ଅକ୍ତିଆରରେ ବ୍ୟସ୍ତ। କିନ୍ତୁ ଏସବୁ ପରେ ମଧ୍ୟ ଦେଶର ସମସ୍ତେ ଗୋଟିଏ କଥା କହୁ ନଥିଲେ ମଧ୍ୟ ଅନେକ ସମୟରେ ସମାନ କଥା ହିଁ କହିଥାନ୍ତି ଯେଉଁଥିପାଇଁ ଅନେକ ସମସ୍ୟାର ସମାଧାନର ପନ୍ଥା ବାହାରିଯାଇଥାଏ। ବିଭାଜନ, ସବୁ ସ୍ତର ଓ ପ୍ରକାର ବିଭାଜନରେ ଗ୍ରସ୍ତ-ତ୍ରସ୍ତ ଭାରତ ଶହ ଶହ ବର୍ଷ ଇଂରେଜଙ୍କ ଅଧିନରେ ରହିଲା କାହିଁକି, ସେ କଥା ବୁଝିବା କଷ୍ଟକର ନୁହେଁ। ଯଦି ଆମେ ହଜାର ହଜାର ବର୍ଷ ପୂର୍ବର ରାଜା ମହାରାଜା ମାନଙ୍କ ଗୌରବ ଗାଥାକୁ ମନେ ପକାଇ ପାରିବା ତେବେ କିଛି ଶହ ବର୍ଷ ପୂର୍ବର ବାଦଶାହ ଓ ସୁଲତାନ ମାନଙ୍କର ଭଲ କଥା ସବୁକୁ ମନ ପକାଇବାରେ କ୍ଷତି କ'ଣ? ଅନେକ ପିଢୀ ହେବ ଯେଉଁମାନେ ଭାରତରେ ରହି ଆସୁଛନ୍ତି ଏବଂ ଯେଉଁମାନେ ଇଂରେଜ ଶାସନକୁ ଭାରତୀୟ ଭାବେ ବିରୋଧ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ ସେମାନଙ୍କ ଉତ୍ତରଦାୟାଦ ମାନଙ୍କୁ ଆକ୍ରମଣକାରୀଙ୍କ ଦାୟାଦ ଭାବିବା ଠିକ୍ ନୁହେଁ। ଇତିହାସ ଇତିହାସ ଅଟେ, ଏଥିରେ ଗର୍ବ କରିବାର ନାହିଁ କିମ୍ବା ଲଜ୍ଜିତ ହେବାର ନାହିଁ। କିନ୍ତୁ ଇତିହାସରୁ ଶିକ୍ଷାଲାଭ କରିବା ଉଚିତ୍। ଯିଏ ଇତିହାସରୁ ଶିକ୍ଷା ଲାଭ କରିନାହିଁ ତାର ଭବିଷ୍ୟତ ମଧ୍ୟ ନାହିଁ।

ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ୍ୟ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସାମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି? ବାବା ସାହେବ ଆମ୍ବେଦକରଙ୍କୁ ଜାତିଗତ ଭେଦଭାବର ଶିକାର ହେବାକୁ ପଡିଥିଲା। ତେବେ ସଂରକ୍ଷଣ ପାଇଁ ଆର୍ଥୀକ ଆଧାର କ'ଣ ଠିକ୍ ନୁହେଁ? ଦେଶର କିଛି ଗୋଷ୍ଠୀ ଗାନ୍ଧୀ ଓ ଆମ୍ବେଦକରଙ୍କୁ ବିରୋଧ କରୁଥିଲେ। ଗାନ୍ଧୀ ଚାହିଁଥିଲେ ଦେଶ ବିଭାଜନ ହୋଇନଥାନ୍ତା ବୋଲି ଅନେକଙ୍କ ମତ। ଏହି କଥାରେ ଅନେକ କଥା ଲୁଚି ରହିଛି। ଅର୍ଥାତ୍ ଗାନ୍ଧୀ କେବେ ହାରି ପାରନ୍ତିନି ବା ଗାନ୍ଧୀ ହାରିବା କଥା ନୁହେଁ। ଦେଶ ବିଭାଜନ ପାଇଁ ଗାନ୍ଧୀ ଦାୟୀ ନୁହଁନ୍ତି। ରାଷ୍ଟ୍ରୀୟ ଚେତନା ଏବଂ ବିବେକର ସାଂପ୍ରଦାୟିକ ପରିଚୟ ହିଁ ଦେଶର ବିଭାଜନର କାରଣ। ଗାନ୍ଧୀଙ୍କୁ କିନ୍ତୁ ଏଥିପାଇଁ ସମାଲୋଚନା କରାଯାଉଛି।

ଦଳିତ ଓ ଆଦିବାସୀ ସଂରକ୍ଷଣ ଏକ ବର୍ଗ ଚେତନାକୁ ଜାଗୃତ, ସଂଗଠିତ ଏବଂ ବିକଶିତ କରିଥିଲା, ଯେଉଁ କାରଣରୁ ମଣ୍ଡଳ କମିଶନ ଜାତିଗତ ପରିଚୟକୁ ଗୁରୁତ୍ୱ ଦେଇଥିଲେ। ପଛୁଆ ଭାବେ ଚିହ୍ନିତ ଜାତି ମାନଙ୍କ ମଧ୍ୟରୁ ଅନେକ ଜାତି ଆର୍ଥୀକ ଓ ସାମାଜିକ ସ୍ତରରେ ସ୍ୱଚ୍ଛଳ ଥିବାବେଳେ ପଛୁଆ ବର୍ଗଙ୍କୁ ମିଳିବାକୁ ଥିବା ସବୁ ସୁବିଧା ହଡପ କରିନେଉଛନ୍ତି। ଦଳିତ ଆଦିବାସୀଙ୍କ ଅଧିକାର ଏବଂ ସୁବିଧା ମଧ୍ୟ କିଛି ପରିବାର ମଧ୍ୟରେ ସୀମିତ ରହିଗଲା। ବାସ୍ତବରେ ଯେଉଁମାନେ ସୁବିଧା ପାଇବା କଥା ସେମାନେ ପାଇଲେ ନାହିଁ। ଏଣୁ ଜାତି ଜାତି ମଧ୍ୟରେ ଅବିଶ୍ୱାସ ବଢିବାରେ ଲାଗିଲା। ଚେତନା ଜାତିରୁ ଯାଇ ପୁଣି ଜାତି ଉପଜାତି ପର୍ଯ୍ୟନ୍ତ ବିଭାଜିତ ହେଲା ଓ ଜାତି ଜାତି ଓ ଉପଜାତି ମଧ୍ୟରେ ଦୁରତା ବଢିଲା। ଏଣୁ ନେତାଙ୍କ ପାଇଁ ବିଭାଜନ କର ଏବଂ ଭୋଟ ପାଅର କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଆଧାତ୍ମିକ ଚେତନା ପାଇଁ ପ୍ରସିଦ୍ଧ ଏ ଦେଶର ଏଭଳି ଦୁର୍ଗତି ପାଇଁ ଦାୟୀ କିଏ? ଭୌତିକ ବାଦ ଠାରୁ ଆଧାତ୍ମ ହାରି ଯାଇଛି, ଆକର୍ମଣ୍ୟତା ଠାରୁ ପୁରୁଷାର୍ଥ ହାରିଯାଇଛି, ବର୍ଚସ୍ୱ ଠାରୁ ବିବେକ ହାରି ଯାଇଛି ଓ ସ୍ୱାର୍ଥ ଠାରୁ ପରମାର୍ଥ ହାରିଯାଇଛି। ଭାରତୀୟ ସମାଜ ଅବତାରବାଦ ଓ ଅତୀତ ପ୍ରତି ଆସକ୍ତ। କିନ୍ତୁ ରାମଙ୍କୁ ପାଇବା ପାଇଁ ସମାଜକୁ ଯୋଗ୍ୟ ହେବାକୁ ପଡିବ।

ରାମଚନ୍ଦ୍ରପୁର
ରଣପୁର ମୋ - ୯୪୩୮୪୮୫୦୯୪

ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ୍ୟ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସାମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି?

# ମଶା, ମାଲେରିଆ ଓ ଯକୃତ

॥ ଉମେଶ ଚନ୍ଦ୍ର ପାତ୍ର ॥

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୦ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି ।

ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି ।

ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସ୍କ୍ରବ୍ ଟାଇଫସ ଓ ସ୍ୱାସ୍ଥ୍ୟ ସତର୍କତା

॥ ପ୍ରଫୁଲ୍ଲ କୁମାର ଦାସ ॥

ରାଜ୍ୟରେ ଏବେ ହୁ ହୁ ହୋଇ ଡେଙ୍ଗୁ ବ୍ୟାପୁଥିବା ବେଳେ ଆଉ ଏକ ରୋଗ ସ୍କ୍ରବ ଟାଇଫସକୁ ନେଇ ଚିନ୍ତା ବଢ଼ିଛି। ଏହା ଚିଗର ନାମକ ଏକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ୍ୟ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲ୍ଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲଥ ଲାବରୋଟୋରୀରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫସ ସଂକ୍ରମଣ ଦେଖିବାକୁ ମିଳିଥାଏ। ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ। ବରଂ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହି ସଂକ୍ରମଣ ହେଉଛି।

ସ୍କ୍ରବ ଟାଇଫସରେ ଆକ୍ରାନ୍ତତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ। ଯାହାକୁ ଏସ୍କର ଭାବେ ବିବେଚନା କରାଯାଉଛି। ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ଼ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା। ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ କିମସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୧-୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି। ଦେଶରେ ସ୍କ୍ରବ ଟାଇଫସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ରହିଛି। ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି। ତେବେ ସ୍କ୍ରବ ଟାଇଫସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍। ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍କର ଦେଖିବାକୁ ନ ମିଳିବା ମଧ୍ୟ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ। ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ। ଓଡ଼ିଶାରେ ସ୍କ୍ରବ ଟାଇଫସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କିଛି ଦିନ ତଳେ ଏକ ତିନି ଜଣିଆ ଡାକ୍ତରଙ୍କ ସ୍ୱାସ୍ଥ୍ୟ ସମୀକ୍ଷାଜନିତ ଓ ଏ ନେଇ ଗବେଷଣାତ୍ମକ ତଥ୍ୟ ପ୍ରକାଶ ପାଇଥିଲା।

ରାଜ୍ୟରେ ଏବେ ପ୍ରତିଦିନ ୨୦୦ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ ପିରିୟଡ଼। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ନିଜେ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କରନ୍ତୁ। ବାହାରକୁ ଯାଉଥିଲେ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରହିବା ନେଇ ସତର୍କ ରୁହନ୍ତୁ। ସିଝା ପାଣି ପିଅନ୍ତୁ, ଗରମ ଖାଦ୍ୟ ଓ ସୁଷମ ଖାଦ୍ୟ ଖାଆନ୍ତୁ। ଆମିଷ ନଖାଇଲେ ଭଲ। ମଦ୍ୟପାନ ବା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଫାଷ୍ଟଫୁଡ ଖାଦ୍ୟ, ବାହାର ଖାଦ୍ୟ, ଅଣ୍ଡା ଜାତୀୟ ଖାଦ୍ୟ ବା ପାନୀୟ ନଖାଇବା ଭଲ। ଫ୍ରିଜରେ କୌଣସି ବାସୀ ଖାଦ୍ୟ ରଖି ପରଦିନ ଏହାକୁ ଗରମ କରି ଖାଆନ୍ତୁ ନାହିଁ। ଯଥାସମ୍ଭବ ନିଜ ଘର ବିଶେଷକରି ଶୋଇବା ଘର ପରିଷ୍କାର ପରିଛନ୍ନ ରଖନ୍ତୁ। ଘର ଭିତରକୁ ଯେପରି ବିଶୁଦ୍ଧ ପବନ ଓ ଖରାର ଆଲୋକ ପଡୁଥିବ ସେ ଦିଗକୁ ଦେଖନ୍ତୁ। ଘରେ କୌଣସି ଅଦରକାରୀ ଜିନିଷ ରଖନ୍ତୁ ନାହିଁ, ରାତିରେ ମଶାରୀ ଟାଙ୍ଗି ଶୁଅନ୍ତୁ। ଯୋଗ ପ୍ରାଣାୟମ ଅଭ୍ୟାସ ଥିଲେ ସତର୍କତା ଅବଲମ୍ବନ କରି ଏହାକୁ ପାଳନ କରନ୍ତୁ। କିନ୍ତୁ ସାମାନ୍ୟ ବର୍ଷରେ ମଧ୍ୟ ତିନ୍ତି ମର୍ଣ୍ଣିଂଓ୍ୱାର୍କ କରନ୍ତୁନାହିଁ। ଶରୀରରେ ଜ୍ୱର ଲାଗି ରହୁଥିଲେ ସରକାରୀ ସ୍ୱାସ୍ଥ୍ୟସେବାର ସହାୟତା ନିଅନ୍ତୁ କିମ୍ବା ଡାକ୍ତରୀଙ୍କ ପରାମର୍ଶ ନିଅନ୍ତୁ। ତୁଟୁକା ତୁଟୁକି ଚିକିତ୍ସା ବା ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ଅଧିକ ଦିନ ଜ୍ୱର ଲାଗିରହିଲେ ରକ୍ତ ପରୀକ୍ଷା କରି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସ୍କ୍ରବ ଟାଇଫସକୁ ନେଇ ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରୀ ପରାମର୍ଶରେ ଚିକିତ୍ସା ଗ୍ରହଣ କଲେ ଆପଣ ଆରୋଗ୍ୟ ଲାଭ କରିବେ।

ଦୂରଭାଷ : ୯୪୩୭୦୨୩୪୪୩,



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପୁରୁଣାପଡା ଶ୍ମଶାନ ସୁରକ୍ଷା ସମିତି ସଦସ୍ୟଙ୍କୁ ନିର୍ବାହୀ ଅଧିକାରୀଙ୍କ ଦୁଃର୍ବ୍ୟହାର

କଳାହାଣ୍ଡି /ଭବାନୀପାଟଣା, (ମହାଭାରତ) : ପୁରୁଣାପଡ଼ା ଶ୍ମଶାନ ସୁରକ୍ଷା ସମିତି ତରଫରୁ ଶ୍ମଶାନ ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ନେଇ ଆଜି ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଥିଲେ। ଏହି ଆବେଦନରେ ଶ୍ମଶାନରେ ଏକ ହାଇ ମାଷ୍ଟ ଲାଇଟ୍ ଲଗାଇବାର ବ୍ୟବସ୍ଥା କରିବାକୁ ଉଲ୍ଲେଖ କରାଯାଇଛି। ଏହି ଦାବୀ ପତ୍ର ପ୍ରଦାନ ସମୟରେ ଦୁଖିଶ୍ୟାମ ପ୍ରଧାନ, ଲକ୍ଷ୍ମୀନାରାୟଣ ପଣ୍ଡା, ମାନସ ଜେନା, କମ୍ବୁପାଣି ପରିଛା, କାଳିପ୍ରସାଦ ଡାକୁଆ, ସୀତାକାନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଗୋପାଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ କିଛି ଦିନ ପୂର୍ବରୁ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ପୁରୁଣାପଡା ଶ୍ମଶାନରେ ହାଇ ମାଷ୍ଟ୍ ଲାଇଟ୍ ଲଗାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଅଧିକାରୀ ଶ୍ରୀ ପାଢୀ ସମ୍ମତି ପ୍ରକାଶ କରିଥିଲେ। ଏପରି ସିଧାସଳଖ ଦରଖାସ୍ତ ନ ଦେଇ ନିୟମ ଦୃଷ୍ଟିରୁ କାଉନ୍ସିଲରଙ୍କ ଜରିଆରେ ଦେବାକୁ କହିଥିଲେ। ପୂର୍ବରୁ ହାଇ ମାଷ୍ଟ ଲାଇଟ୍ ଅତି ସହଜରେ ଲାଗିବାର ବ୍ୟବସ୍ଥାକୁ ଅଧିକାରୀ ସ୍ୱୀକାର କରୁଥିଲାବେଳେ ଆଜି ସେହି ବ୍ୟବସ୍ଥାକୁ ଅତି ଜଟିଳ ବୋଲି ପରୋକ୍ଷରେ ପ୍ରକାଶ କରିଥିଲେ। ତେବେ ଅଧିକାରୀଙ୍କ ଏହି ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି, ଏହା ନିଃସନ୍ଦେହ କ୍ଷ ଗତ ସୋମବାର ଦିନ ଅଧିକାରୀଙ୍କୁ ସମୟ ମାଗି ଆଜି ସକାଳ ୧୧ ଘଣ୍ଟା ସମୟରେ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନ କରିବା ପାଇଁ ସମୟ ନିର୍ଦ୍ଧାରଣ କରିଥିଲେ ମଧ୍ୟ ଦରଖାସ୍ତ ଦେବାକୁ ଆସିଥିବା ପଡାବାସୀଙ୍କୁ ଫେସନ୍ କରନି କହି ଦୁଃବ୍ୟବହାର କରିଥିଲେ। ଏହି ଦୁଃବ୍ୟବହାରରେ ଉପସ୍ଥିତ ଦରଖାସ୍ତ ପ୍ରଦାନକାରିମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହା ପରେ ଅଧିକାରୀ ଶ୍ରୀ ପାଢୀ ଏପରି କହି ନାହିଁ କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ଯେ ବୁଦ୍ଧିଜିବୀ ଫୋରମକୁ ଅଧିକାରୀ ଏପରି ଦୁଃବ୍ୟବହାର କରି ପାରୁଛନ୍ତି ତେବେ ସାଧାରଣ ବ୍ୟକ୍ତିଙ୍କୁ କିପରି ବ୍ୟବହାର ଦେଉଥିବେ ଏହା ସହଜରେ ଅନୁମେୟ। ନିର୍ବାହୀ ଅଧିକାରୀଙ୍କ ଏହି ଦୁଃବ୍ୟବହାର ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

## ଓଡ଼ିଆ ପକ୍ଷ ଉପଲକ୍ଷେ ପାରାଦୀପ ମହାବିଦ୍ୟାଳୟ ପରିସରରେ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ଓଡ଼ିଆ ପକ୍ଷ ଉପଲକ୍ଷେ ଅପ୍ରେଲ ୭ ତାରିଖ ମଙ୍ଗଳବାର ସକାଳେ ଅଗ୍ନି ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ବନ୍ଦର କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) ଦ୍ୱାରା ଏବଂ କଲେଜର ୱାଇଆରସି ଏବଂ ଏନଏସଏସ ୱିଙ୍ଗସ୍‌ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲେଜର ଅଧକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଏଏନଓ, ଏନସିସି ଅଫିସର ଓ ଇତିହାସ ବିଭାଗର ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଇତିହାସ ବିଭାଗ ଅଧ୍ୟାପିକା ତଥା ଏନଏସଏସ କାର୍ଯ୍ୟକ୍ରମ ଅଧିକାରିଣୀ ସଂଘମିତ୍ରା ପ୍ରଧାନ କାର୍ଯ୍ୟକ୍ରମର ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ସିଆଇଏସଏଫ ର ଫାୟାର ଇନ୍ସପେକ୍ଟର ପ୍ରଦୀପ ମୋଥସାରା ଓ ତାଙ୍କ ଦଳ ଅଗ୍ନି ସୁରକ୍ଷା ଓ ଏହାର ପ୍ରତିରୋଧ ବିଷୟରେ ପ୍ରସ୍ତୁତି ଉପସ୍ଥାପନା କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କ ସହ ଏକ ମକ୍ ଡ୍ରିଲ୍ ଆୟୋଜନ କରିଥିଲେ। ଏହା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଏକ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପାରାଦୀପ କଲେଜର ଇଂରାଜୀ ଅଧ୍ୟାପିକା ତଥା ୱାଇଆରସି ପରିଚାଳିକା ସାସ୍ୱତୀ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ/କର୍ମଚାରୀ ଏବଂ ୱାଇଆରସି ପୂର୍ବତନ ଜିଲ୍ଲା ସମନ୍ୱୟକ ତଥା ଦର୍ଶନ ବିଭାଗର ମୁଖ୍ୟ ଭ୍ରମାନନ୍ଦ ବିଶ୍ୱାଳ, ଏନସିସି ସିଟିଓ ଅଭିଷେକ ବିଶ୍ୱାଳ, ମିସ୍ କବିତା ପଧାନ , ସୁଭସ୍ମିତା ଲେଙ୍କା ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଶିଶୁ କଥା ଦିବସରେ ବର୍ଣ୍ଣବୋଧ ବଣ୍ଟନ




କୃଷ୍ଣପ୍ରସାଦ , (ମହାଭାରତ) : ରାଜ୍ୟ ସରକାର ଓଡ଼ିଶା ଦିବସ ଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରୁଛନ୍ତି । ଏହି କ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଶିଶୁ କଥା ଦିବସ ପାଳିତ ହୋଇଯାଇଛି । ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡା ପରିସରରେ କୃଷ୍ଣପ୍ରସାଦ ବିଡ଼ିଓ ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବର ଆୟୋଜନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଆରସିସି ସିଦ୍‌ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ସିଆରସିସି ସୁନୀଲ କୁମାର ଜେନା, ସିପି ପ୍ରଭାତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ାଉ

କପ୍ତିପଦା, (ମହାଭାରତ) : ମୟୁରଭଞ୍ଜ ଡ୍ରଗ୍ସ ବା ଔଷଧ ବିଭାଗ ପକ୍ଷରୁ ମେଡ଼ିସିନ ଦୋକାନରେ ଚଢ଼ାଉ। ଉଦଳାର ବିଭିନ୍ନ ମେଡ଼ିସିନ ଦୋକାନରେ ମୟୁରଭଞ୍ଜ ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ଏହା ସହିତ ଦୋକାନରେ ବିକ୍ରି ହେଉଥିବା ବିଭିନ୍ନ ପ୍ରକାର ଔଷଧ ର ଯାଞ୍ଚ କରିଥିଲେ। ଏପରିକି ଔଷଧ କିଣିବା ଏବଂ ବିକ୍ରି ହେବା ସହିତ ଷ୍ଟକ ଓ ବିକ୍ରୀ ର କାଗଜାତ ଯାଞ୍ଚ କରିଛି ବିଭାଗ। ଏହା ବ୍ୟତୀତ ବିକ୍ରୀ ପାଇଁ ବାରଣ ଥିବା କୌଣସି ଔଷଧ ବିକ୍ରୀ ହେଉଛି କି ନାହିଁ ତାହାର ଯାଞ୍ଚ କରାଯାଇଥିଲା। କିଛି ଔଷଧ ଦୋକାନ ରୁ ବିକ୍ରୀ ହେଉଥିବା ବିଭିନ୍ନ ଔଷଧ ଏବଂ ସିରପ୍ ର ନମୁନା ମଧ୍ୟ ବିଭାଗୀୟ ଅଧିକାରୀ ଯାଞ୍ଚ ନିମନ୍ତେ ନେଇଥିବା ଜଣାଯାଇଛି।

# ଖୁଲମ୍ ଖୁଲା ଚାଲିଛି ଗ୍ୟାସ ସିଲିଣ୍ଡର୍ ଚୋରା କାରବାର



ଯୋଡା, (ମହାଭାରତ) : ଯୋଡା ସହର ରେ ରନ୍ଧନ ଗ୍ୟାସ ର ଅଭାବ ପରିଲକ୍ଷିତ ହେବ। ପରେ ବ୍ୟବସାୟିକ ପ୍ରତିଷ୍ଠାନ କୁ ଚୋରାରେ ଗ୍ୟାସ ଯୋଗାଇ ବା ସାମାଜିକ ଗଣ ମାଧ୍ୟମ ରେ ଭାଇରାଲ ହେଉଛି ।ବୁଧବାର ଏହି ଭାଇରାଲ ଭିଡିଓ ସମ୍ପର୍କରେ ଖୋଳତାଡ କରିବା ପରେ ଜଣାପଡ଼ିଲା ଯେ,ଏକ ଜଳଖିଆ ଦୋକାନରେ ଗୋଟିଏ କମର୍ସିଆଲ ଏବଂ ଗୋଟିଏ ଡମେଷ୍ଟିକ ଗ୍ୟାସ ଏକ ଗାଡିରୁ ଓହ୍ଲାଇ ଭିତରକୁ ନିଆ ଯାଉଛି ।ସାଧାରଣ ଲୋକେ ଡମେଷ୍ଟିକ ଗ୍ୟାସ ପାଉ ନ ଥିବା ବେଳେ ଗ୍ୟାସ ଗୋଦାମ ଗାଡ଼ିରୁ କିପରି ଗ୍ୟାସ ଯୋଗାଇ ଦିଆ ଯାଉଛି ।ଏହାକୁ ପୌର ପାଳିକା ରେ ଥିବା ଯୋଗାଣ ବିଭାଗ କୁ ଲୋକେ ସମାଲୋଚନା କରିଛନ୍ତି । ଏ ସମ୍ପର୍କରେ ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତ ପଦ୍ମା ଧଳ ଙ୍କୁ ଭାଇରାଲ୍ ଭିଡିଓ ଟି ପଠାଇବା ପରେ ସେ ତାଙ୍କର ନିଜର ଗ୍ୟାସ ନ ଥିବା କଥା କହିଥିଲେ ଏବଂ ଏ ନେଇ ସେ ଯୋଗାଣ ବିଭାଗ ଅଧିକାରୀ ଙ୍କୁ କହିବେ ବୋଲି କହିଥିଲେ ।ପରେ ଯୋଗାଣ ବିଭାଗ ଅଧିକାରୀ ସୀତାକାନ୍ତ ରାଉତ ତାଙ୍କ ପ୍ରତିକ୍ରିୟାରେ କହୀଥିଲେ ଯେ,ଧର ପଗଡ ଜୋରଦାର ଚାଲିଛି ।ଗୁରୁବାର ମାସିକିଆ ମିଟିଂ ଥିବାରୁ ଶୁକ୍ରବାର ଠାରୁ ଧରପଗଡ ଅଭିଯାନ କୁ ପୁନଃ ଆରମ୍ଭ କରାଯିବ ।ବଡ ବଡ ଶିଳ୍ପ ଏବଂ ଖଣିରେ ଥିବା ଶ୍ରମିକ କ୍ୟାନ ଟିନ୍ ରେ ରନ୍ଧନ ଗ୍ୟାସ ନ ଥିବାରୁ ଶୁଖିଲା ଖାଦ୍ୟ ପରସା ଯାଉଛି ।ତେଣେ କମର୍ସିଆଲ ଗ୍ୟାସ ଯୋଡା ସହର ରେ କଳାବଜାରୀ ହେଉଛି । ଏ ସମ୍ପର୍କରେ ନାମକୁ ଗୋପନରେ ରଖି ଜଣେ ଗ୍ୟାସ ଗ୍ରାହକ କହିଛନ୍ତି ଯେ,ଖରାରେ ଲମ୍ବା ଧାଡ଼ି ରେ ଠିଆହୋଇ ଗ୍ୟାସ ନ ମିଳିବା ପରେ ମୁଣ୍ଡ କାନ ଆଉଁସି ଘରକୁ ଫେରି ଛନ୍ତି ।ହେଲେ ମୋଟ। ମୂଲ୍ୟ ଗ୍ରହଣ କରି କଳା ବଜାରି ମାନେ ହୋଟେଲ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ଅନୁଷ୍ଠାନ କୁ ଗ୍ୟାସ ଯୋଗାଉଛନ୍ତି ।ଗୃହିଣୀ କ୍ରିଷ୍ଟା ବାରିକ କହିଛନ୍ତି ଯେ, ଚୋରା ଗ୍ୟାସ କଳାବଜାରି ପାଇଁ ସାଧାରଣ ଖାଉଟି ହନ୍ତସନ୍ତ ହେଉ ଛନ୍ତି ।ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଏବଂ କିଛି ଅସାଧୁ କର୍ମଚାରି ଏହି କଳା ବଜାରୀ ରେ ଭାଗ ବଣ୍ଟା ହେତୁଏହା ଖଣି ଅଞ୍ଚଳରେ ଅନାୟସ ରେ ହେଉଛି ।ଏହି ଭିଡିଓ ଟି ଭାଇରାଲ ହେବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ନେଇ ଯୋଡା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି ଯେ,ଯୋଡ଼ାରେ ଦୁଇଟି ଗ୍ୟାସ ଏଜେନ୍ସୀ କାରବାର କରୁଥିବା ବେଳେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ କୁଭିତ୍ତି କରି ଗ୍ରାମାଞ୍ଚଳ କୁ ଗ୍ୟାସ ବୁକିଂ କଲେ ୪୫ ଦିନ ଏବଂ ସହରାଞ୍ଚଳ କୁ ବୁକିଁର ୨୫ ଦିନ ସମାନ ଗ୍ୟାସ ବିତରକ ସମୟ ସୀମା ଦେଉ ଥିବା ବେଳେ ୪୫ ଦିନରେ ଗ୍ୟାସ ସରି ଯାଉଥିବାରୁ କଳା ବଜାରୀ ହେଉଛି ।ଯୋଡା,ବଡ଼ବିଲ,ଅଞ୍ଚଳ ଖଣି ଓ ଶିଳ୍ପ ଅଞ୍ଚଳ ହୋଇ ଥିବାରୁ ବାହାର ରାଜ୍ୟ ର ଲୋକେ ଏବଂ ସହର ରେ ଥିବା ହୋଟେଲ ବ୍ୟବସାୟୀ ମାନେ କଳା ବଜାରୀ ଙ୍କ ଠାରୁ ମୋଟା ଦାମ ରେ ଗ୍ୟାସ କିଣୁଛନ୍ତି ଓ ତେଲ ଭାଜି ଜିନିଷ ୮ ଟଙ୍କାରୁ ଉପରକୁ ବିକ୍ରି କରାଯାଉଛି ।ଏତଦବ୍ୟତୀତ ପରିଷଦ ସଭାପତି ବହିଦାର କହିଛନ୍ତି ଯେ,ଏକ ନିର୍ଭର ଯୋଗ୍ୟ ସୂତ୍ର ରୁ ଖବର ମିଳୁଛି ଯେ,ବିଲେଇ ପଦା, ନାରଦ ପୁର,ବଂଶପାଣି ପ୍ରଭୃତି କିଛି ଅଞ୍ଚଳ ରେ ଗୋପନୀୟ ଭାବେ ଡମେଷ୍ଟିକ ଗ୍ୟାସ ରୁ କମର୍ସିଆଲ ଗ୍ୟାସ କୁ ରିଫିଲିଂ କରାଯାଉଛି ଏବଂ ଦଲାଲ ଜରିଆରେ ଚୋରା କାରବାର କରାଯାଇ ଗୋଟିଏ ଗ୍ୟାସ କୁ ୨୮୦୦ ଟଙ୍କାରେ ଅଧିକ ରେ ବିକ୍ରି କରାଯାଉଛି । କଳା ବଜାରୀ ଙ୍କ ପୌଷ ମାସ ବେଳେ ଖାଉଟିଙ୍କ ସର୍ବନାଶ ହେଉଛି ବୋଲି ସେ ଅଭିହିତ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ କଂଗ୍ରେସ କର୍ମୀଙ୍କୁ ଉଠାଇଲା ପୋଲିସ



ଖୋର୍ଦ୍ଧା, (ମହାଭାରତ) : ବେଗୁନିଆ ଅନ୍ତର୍ଗତ ଭୁଇଁପୁର ଠାରେ ନୂତନ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଗସ୍ତ କରିଥିବା ବେଳେ ସେଠାରେ ୨୫ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବା ସହିତ ୧୧ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି। ତେବେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯ୍ୟାତନା, ନିଯୁକ୍ତି ଓ ସୁଶାସନ ପ୍ରଦାନରେ ଅକ୍ଷମତା ଦର୍ଶାଇ କଂଗ୍ରେସ ଆଜି ପ୍ରତିବାଦ କରିବାର ଆଶଙ୍କା କରି ଜିଲ୍ଲା ପୋଲିସ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣି ପ୍ରାୟ ସାଢେ ୬ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲା । ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ପୂର୍ବାହ୍ନ ସାଢେ ୯ଟାରୁ କଂଗ୍ରେସ ନେତ୍ରୀ ସୋନାଲୀ ସାହୁ ଓ ତାଙ୍କ ୬ରୁ ଉର୍ଦ୍ଧ କର୍ମୀଙ୍କୁ ଅଟକ ରଖି ରଖିଥିବା ବେଳେ ଆଦର୍ଶଥାନା ପୋଲିସ ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ରଙ୍କ ସମେତ ତାଙ୍କର କିଛି ସମର୍ଥକଙ୍କୁ ଆଣି ଅଟକ ରଖିଥିଲା । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଅପରାହ୍ନ ୪ଟାରେ ସମସ୍ତ କଂଗ୍ରେସ କର୍ମୀଙ୍କୁ ଛଡାଯାଇଥିବା ଥାନା ପକ୍ଷରୁ କୁହାଯାଇଛି । କଂଗ୍ରେସ ନେତ୍ରୀ ଶ୍ରୀମତୀ ସାହୁ ଏ ବିଷୟରେ ତାଙ୍କର ମତ ପ୍ରକାଶ କରିଛନ୍ତି କି, ନିଜକୁ ଲୋକଙ୍କ ସରକାର କହୁଥିବା ବେଳେ, ଲୋକଙ୍କ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ବେଗୁନିଆ ମାତ୍ର କେଇ ସମୟର ରାସ୍ତା ହୋଇଥିଲେ ମଧ୍ୟ ଲୋକଙ୍କ ଟିକସ ପଇସାକୁ ପାଣିରେ ପକାଇ ହେଲିକ୍ୟାପ୍‌ଟରରେ ଆସିବା କି ଆବଶ୍ୟକତା ରହିଛି । ଏମାନେ ପୂର୍ବ ସରକାରଙ୍କ ହେଲିକ୍ୟାପଟର ଗସ୍ତକୁ ବିରୋଧ କରୁଥିବାବେଳେ ସେମାନେ ଏବେ କିପରି ସେହି ପୁରୁଣା ପଦ୍ଧତିକୁ ଆପଣାଉଛନ୍ତି ବୋଲି ସୋନାଲି ପ୍ରଶ୍ନ କରିଛନ୍ତି । ତେବେ ଏହି ଘଟଣାକୁ ନେଇ ଏ ସରକାର ମହିଳାଙ୍କୁ ଡରୁଛି ବୋଲି ପ୍ରମାଣିତ ହୋଇଛି ବୋଲି ଯୁବ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ସୁଦିପ ସାମଲ ଗଣମାଧ୍ୟମ ଆଗରେ କହିଛନ୍ତି ।

## ବାଲିପାଟଣାରେ ଗ୍ୟାସ କଳା ବଜାରି

ବାଲିପାଟଣା, (ମହାଭାରତ): ଗୋଟିଏ ପଟେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ତୈଳ ଓ ଗ୍ୟାସ ସଙ୍କଟ, ଅନ୍ୟପଟେ ସ୍ଥାନୀୟ ଅସାଧୁ କଳାବଜାରୀଙ୍କ 'ରାଜୁତି'। ବାଲିପାଟଣା ଓ ବନମାଳୀପୁର ଅଞ୍ଚଳରେ ଏବେ ସାଧାରଣ ଖାଉଟିଙ୍କ ହକକୁ ଲୁଟି ଚାଲିଛନ୍ତି ବେଆଇନ ଗ୍ୟାସ ବିକ୍ରେତା। ନିଜର ବ୍ୟକ୍ତିଗତ ମୁନାଫା ପାଇଁ କିଛି ଅସାଧୁ ଗୋଷ୍ଠୀ ରନ୍ଧନ ଗ୍ୟାସକୁ ବେଆଇନ ଭାବେ ମହଜୁଦ ରଖି ସାଧାରଣ ଲୋକ ,ହୋଟେଲ ଓ ଦୋକାନୀ ମାନଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ବେଳେ ପ୍ରଶାସନିକ ଶିଥିଳତା ଏହି ବେଆଇନ କାରବାରକୁ ଆହୁରି ଖୋରାକ ଯୋଗାଉଛି। ବିଶ୍ୱବ୍ୟାପୀ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବାକୁ କିଛି ମୁଷ୍ଟିମେୟ ବେଆଇନ ସିଲିଣ୍ଡର ବିକ୍ରେତା ଏକ ସୁଯୋଗ ଭାବେ ଗ୍ରହଣ କରିଛନ୍ତି। ଏହି ମଧ୍ୟସ୍ଥିମାନେ ବିଭିନ୍ନ ଉପାୟରେ ଘରୋଇ ସିଲିଣ୍ଡରକୁ ନିଜ କବ୍ ?ଜାକୁ ନେଇଯାଉଛନ୍ତି। ଯେଉଁ ସିଲିଣ୍ଡର ସାଧାରଣ ଖାଉଟିଙ୍କ ରୋଷେଇ ଘରକୁ ଯିବା କଥା, ତାହା ଏହି ବେଆଇନ ବିକ୍ରେତାଙ୍କ ଜରିଆରେ ହୋଟେଲ ଓ ଚା' ଦୋକାନରେ ପହଞ୍ଚୁଛି। ୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କାରେ ସିଲିଣ୍ଡର ବ୍ରିକି ହେଉଥିବା ଦେଖିବାକୁ ମିଳିଛି । ଅଂଚଳର ଅନେକ ସ୍ଥାନରେ ବେଆଇନ ସିଲିଣ୍ଡର ବେଲଗାମ ବ୍ରିକି ଚାଲିଛି କିନ୍ତୁ ଯୋଗାଣ ବିଭାଗ ବେଫିକର। ବେଆଇନ ବିକ୍ରେତାମାନେ ଏହି ସିଲିଣ୍ଡର ଗୁଡ଼ିକୁ ବଜାର ଦରଠାରୁ ଅଧିକ ମୂଲ୍ୟରେ ସାଧାରଣ ଖାଉଟି, ହୋଟେଲ ମାଲିକ ଓ ଚା' ଦୋକାନୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ଫଳରେ ଗରିବ ଖାଉଟି ଜଣକ ବୁକିଂ କରି ମଧ୍ୟ ସିଲିଣ୍ଡର ପାଉନଥିବା ବେଳେ ବେଆଇନ କାରବାର କରୁଥିବା ଲୋକଙ୍କ ଗୋଦାମ ଭର୍ତ୍ତି ହୋଇ ରହୁଛି। ଏହି ସମ୍ପୂର୍ଣ୍ଣ ଚକ୍ରବ୍ୟୁହ ସମ୍ପର୍କରେ ଯୋଗାଣ ବିଭାଗ ସବୁ ଜାଣି ମଧ୍ୟ ନିଦାବିଷ୍ଟୁ ସାଜିଛି। କେଉଁ ଅଦୃଶ୍ୟ ଚାପରେ କିମ୍ବା କେଉଁ ସ୍ୱାର୍ଥ ସାଧନ ପାଇଁ ବିଭାଗୀୟ ଅଧିକାରୀମାନେ ଏହି ବେଆଇନ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି, ତାହା ଏବେ ସନ୍ଦେହ ଘେରରେ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏତେ ବଡ଼ ଦୁର୍ନୀତି ଚାଲିଥିବା ବେଳେ ଥରଟିଏ ଚଢ଼ାଉ ନହେବା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଗ୍ୟାସ ବୁକିଂ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଓ କଳାବଜାରୀଙ୍କ ପ୍ରାଦୁର୍ଭାବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ତୁରନ୍ତ ଏହି ବେଆଇନ ସିଲିଣ୍ଡର ବିକ୍ରେତାଙ୍କ ଗୋଦାମ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଂଚଳରେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ ଦଣ୍ଡାଦେଶ

କପ୍ତିପଦା, (ମହାଭାରତ ) : କପ୍ତିପଦା -ଏସଡିଜେଏମ ଉଦଳା ଅନୁରାଗ ଦେହୁରୀ ଏକ ଚେକ୍ ବାଉନ୍ସ ମୋକଦ୍ଦମାରେ ସଂପୃକ୍ତ ବ୍ୟକ୍ତିଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ରାୟ ଦେଇଛନ୍ତି । ସାନଖୁଣ୍ଟା ଅଞ୍ଚଳର ଆସାମୀ ହରିଶ ଚନ୍ଦ୍ର ଖିଲାରଙ୍କୁ ୧ଲକ୍ଷ ୮୯ହଜାର ୬୫୦ ଟଙ୍କା ସହ ୬ ମାସ ଜେଲଦଣ୍ଡାଦେଶ ସହିତ ଜୋରିମାନା ଅନାଦେୟ ବାବଦକୁ ଅଧିକ ୨ ମାସ ଜେଲ୍ ଦଣ୍ଡାଦେଶ ନେଇ ରାୟ ଦେଇଛନ୍ତି । ଅଭିଯୁକ୍ତ ହରିଶ ଚନ୍ଦ୍ର ଖିଲାର ମୟୂରଭଞ୍ଜ ସେଣ୍ଟ୍ରାଲ୍ କୋ ଅପରେଟିଭ୍ ବ୍ୟାଙ୍କ ଖୁଣ୍ଟା ଶାଖାରୁ ୨୦୧୬ ସମିହାରେ ଏମଟିଏନଏ ଲୋନ ନେଇଥିଲେ । ମାତ୍ର ନିୟମିତ ଟଙ୍କା ପରିଶୋଧ ନ କରିବାରୁ ତତକାଳୀନ ବ୍ୟାଙ୍କ ମ୍ୟାନେଜର ଖୁଣ୍ଟା ଅଧିକାରୀ ଟଙ୍କା ମାଗିବାରୁ ଅଭିଯୁକ୍ତ ୨୦୧୮ ଅଗଷ୍ଟ ମାସରେ ୧ଲକ୍ଷ ୧୬ହଜାର ୩୫୦ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ ।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ପୁଣି ବାଲ୍ୟ ବିବାହ ରୋକିବାରେ ସଫଳ ହୋଇଛି ପ୍ରଶାସନ । ସୂଚନା ଅନୁସାରେ ରାଇଘର ବ୍ଲ ହଳଦୀ ପଞ୍ଚାୟତର ଦୁର୍ଗମ କୁକୁରଡୋଙ୍ଗା ଗ୍ରାମରେ ନାବାଳିକାର ବିବାହ ପ୍ରସ୍ତୁତି ଚାଲିଥିବା ବ୍ଲକ ବେଳେ ସଠିକ୍ ସମୟରେ ରାଇଘର ସିଡ଼ିପିଓ ଗୀତାଞ୍ଜଳି ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ଝିଅର ବାପା ମାଆ ସହ ପରିବାରବର୍ଗଙ୍କୁ ବୁଝାସୁଝା କରିବା କରିବା ପରେ ବିବାହ ରୋକାଯାଇଛି। ସିଡ଼ିପିଓ ଗୀତାଞ୍ଜଳି ମିଶ୍ର, ସୁପରଭାଇଜର ତିଳୋତ୍ତମା ମାଝୀ, ସରିତା ଜେନା, ଅଙ୍ଗନୱାଡ଼ି କର୍ମୀ ଫୁଲବାଇ ଗଣ୍ଡ, ବିଜନ୍ତି ଗଣ୍ଡ ଓ ଗ୍ରାମବାସୀଙ୍କ ମିଳିତ ପ୍ରୟାସରେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ କରାଇ ବାଲ୍ୟ ବିବାହ କଲେ କଣ ଅସୁବିଧା ରହିଛି, ସରକାରଙ୍କ ଏଥି ପ୍ରତି କଣ ଗାଇଡ ଲାଇନ ରହିଛି, ବାଲ୍ୟ ବିବାହ କଲେ କଣ କାର୍ଯ୍ୟାନୁଷ୍ଠାନ ରହିଛି ଆଦି ସମସ୍ତ ତଥ୍ୟ ଗ୍ରାମବାସୀଙ୍କୁ ଅବଗତ କରିଥିଲେ । ଏସମ୍ପର୍କରେ ସିଡ଼ିପିଓ ଗୀତାଞ୍ଜଳି ମିଶ୍ରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଥିଲେ ବାପା ମାଆ ସହ ଗ୍ରାମବାସୀଙ୍କୁ ଅବଗତ କରିବା ସହ ଝିଅର ବୟସ ପରେ ବିବାହ କରିବେ ବୋଲି ପରିବାର ଠାରୁ ଲିତ ହସ୍ତଗତ ହୋଇଛି । ଆଗାମୀ ଦିନରେ ଝିଅର ବୟସ ପରେ ବିବାହ କରିବାକୁ କୁହାଯାଇଛି ଓ ଯଦି ସ୍ଥାନୀୟ ଅଂଚଳରେ ବାଲ୍ୟ ବିବାହ ହେଉଛି ଖବର ଦେବା ନିମନ୍ତେ ଗ୍ରାମବାସୀଙ୍କୁ କୁହାଯାଇଛି।

## ଐତିହାସିକ ଲଙ୍କାପୋଡି ଯାତ୍ରା ସମାପନ

ଦଶପଲ୍ଲା, (ମହାଭାରତ): କୁଞ୍ଜବନଗଡ଼' ଲୋକ କଳାଗ୍ରାମ ମହାବୀର କ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ସହର କ୍ଷ ଦଶପଲ୍ଲାର ଆରାଧ୍ୟ ଠାକୁର ଭାବେ ବିରାଜିତ ପ୍ରଭୁ ଶ୍ରୀ ମହାବୀର କ୍ଷ ପ୍ରସିଦ୍ଧ ମହାବୀରଙ୍କ କ୍ଷେତ୍ରରେ ରାମଲୀଳା ପରମ୍ପରା ବେଶ ନିଆରା କ୍ଷ ଉତ୍ତର ପ୍ରଦେଶର ବାରଣାସୀ ପରେ ଭାରତବର୍ଷର ଦ୍ୱିତୀୟ ପୁରାତନ ମୁକ୍ତମଞ୍ଚ ରାମଲୀଳା ଏଠାରେ ପରିବେଷଣ ହୋଇଥାଏ କ୍ଷ ରାମ ଜନ୍ମ ଠାରୁ ରାବଣ ବଧ ସହ ଶ୍ରୀରାମଙ୍କ ରାଜାଭିଷେକ ପର୍ଯ୍ୟନ୍ତ ରାମଲୀଳାର ସମସ୍ତ ରୀତିନୀତିକୁ ନେଇ ଆଜକୁ ୨୨୪ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ବେଳେ ଓଡ଼ିଶାର ପ୍ରଥମ ଓ ସର୍ବବୃହତ ମୁକ୍ତମଞ୍ଚ ରାମଲୀଳା । ଯାହାକୁ ଏଠାକାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଭାବରେ ନାମିତ। ଲକ୍ଷାଧିକ ଦର୍ଶକଙ୍କ ସମାଗମରେ ଉଦ୍ଯାପିତ ହୋଇଯାଇଛି ବିଶ୍ୱ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ବା ରାବଣ ବଧ। ଯାତ୍ରାର ମୂଖ୍ୟ ଆର୍କଷଣ ୩୫ଫୁଟ ଉଚ୍ଚତା ବିଶିଷ୍ଟ କାଠରେ ନିର୍ମିତ ରାବଣ ଓ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଘୁର୍ଣ୍ଣୟମାନ ପୁଷ୍ପକ ଯାନ, ରାତିସାରା ରାବଣ ବଧ ସହ ଲଙ୍କାପୋଡି ଦୃଶ୍ୟକୁ ଦର୍ଶକମାନେ ବେଶ ଉପଭୋଗ କରିଥିଲେ ଏବଂ ମଜା ନେଇଥିଲେ। ରାବଣ ବଧ ପରେ ଆତସ ବାଜିରେ ପ୍ରକମ୍ପିତ ହୋଇ ଉଠିଥିଲା ଗାନ୍ଧୀ ମଇଦାନ । ଶାନ୍ତି ଶୃଙ୍ଖଳା ସହ ରାବଣ ବଦ୍ଧ ଶେଷ ହୋଇଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ପାରାଦୀପ ବନ୍ଦର ପ୍ରାଧିକରଣରେ ୬ଷ୍ଠ ଆନ୍ତଃ-ବିଭାଗୀୟ ଓ ୫ମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ଅଧୀନରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୬ଷ୍ଠ ଆନ୍ତଃ-ବିଭାଗ ଏବଂ ୫ମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ ଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନସମାଗମକୁ ସମ୍ବୋଧନ କରି ମୁଖ୍ୟ ଅତିଥି ଦଳୀୟ ସମନ୍ୱୟ, ଏକତା ଓ କ୍ରୀଡା ମନୋଭାବର ଗୁରୁତ୍ୱକୁ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏପରି ଟୁର୍ଣ୍ଣାମେଣ୍ଟ କେବଳ ଖେଳ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ କର୍ମଚାରୀମାନଙ୍କ ମଧ୍ୟରେ ବିଶ୍ୱାସ, ସମନ୍ୱୟ ଓ ସୁଦୃଢ ପେଶାଗତ ସମ୍ପର୍କ ଗଢ଼ି ତୋଳିବାରେ ସାହାଯ୍ୟ କରେ। ସେ ସମସ୍ତ ଖେଳାଳିଙ୍କୁ ନ୍ୟାୟସଙ୍ଗତ ଖେଳ, ସୁରକ୍ଷା ଓ ଖେଳର ଉତ୍ସାହ କୁ ଅତୁଟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ରେ ବନ୍ଦର ପ୍ରଶାସନ, ଅର୍ଥ, ଇଞ୍ଜିନିୟରିଂ, ଚିକିତ୍ସା, ବିଦ୍ୟୁତ, ଟ୍ରାଫିକ ଏବଂ ମେରାଇନ ବିଭାଗ ସହିତ ବିଭିନ୍ନ ବିଭାଗର ଟିମ୍‌ମାନେ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରୁଛନ୍ତି। ସେହିପରି କର୍ପୋରେଟ ଟୁର୍ଣ୍ଣାମେଣ୍ଟରେ ଆଇଓସିଏଲ, ଇଫକୋ, ଆଦାନି ୱିଲମାର, ଇଣ୍ଡିଆନ୍ କୋଷ୍ଟ ଗାର୍ଡ, ପାରାଦୀପ ପୋଲିସ, ରେଲୱେ (ପାରାଦୀପ) ଓ ଅନ୍ୟାନ୍ୟ ପ୍ରମୁଖ ସଂସ୍ଥାମାନେ ଅଂଶଗ୍ରହଣ କରୁଛନ୍ତି। ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ୍ ଗୁଡିକ ସନ୍ଧ୍ୟାବେଳେ ଫ୍ଲଡଲାଇଟ୍ ତଳେ ଆୟୋଜିତ ହେଉଛି, ଯାହା ଖେଳାଳି ଓ ଦର୍ଶକମାନଙ୍କ ପାଇଁ ଆକର୍ଷଣୀୟ ପରିବେଶ ସୃଷ୍ଟି କରିବ। ତେବେ ବନ୍ଦର ଆନ୍ତଃ-ବିଭାଗ ଟୁର୍ଣ୍ଣାମେଣ୍ଟ ଚଳିତ ଅପ୍ରେଲ ୧୩ ତାରିଖରେ ସମାପ୍ତ ହେଉଥିବା ବେଳେ କର୍ପୋରେଟ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୧୯ ତାରିଖରେ ସମାପ୍ତ ହେବ । ଏହି ଟୁର୍ଣ୍ଣାମେଣ୍ଟ ବନ୍ଦର ମୁଖ୍ୟ ଯନ୍ତ୍ରୀ ତଥା ଗୋପବନ୍ଧୁ କ୍ରୀଡା ସଂସଦର ଅଧ୍ୟକ୍ଷ ଏଚ୍.ଏସ୍. ରାଉତ,ଉପ ମୁଖ୍ୟ ଚିକିତ୍ସାଧିକାରୀ ତଥା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଡି.ପି.ସେଠୀ ଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜିତ ହେଉଛି। ପ୍ରତ୍ୟେକ ବିଭାଗର କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରୁଥିବାରୁ ଟୁର୍ଣ୍ଣାମେଣ୍ଟର ଉତ୍ସାହ ଆହୁରି ବଢ଼ିଛି। ଏହି ବାର୍ଷିକ କ୍ରୀଡା ଆୟୋଜନ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଶାରୀରିକ ସୁସ୍ଥତା, ଦଳୀୟ ମନୋଭାବ ଓ ସହଯୋଗୀତାକୁ ପ୍ରୋତ୍ସାହନ ଦେବା ସହିତ କର୍ମଚାରୀ ଓ କର୍ପୋରେଟ ଟିମ୍‌ମାନଙ୍କୁ ଏକାଠି ଆଣି ତାଙ୍କର କ୍ରୀଡା ପ୍ରତିଭା ପ୍ରଦର୍ଶନ ପାଇଁ ଏକ ସୁଯୋଗ ପ୍ରଦାନ କରିଛି । ପାରାଦୀପ ବନ୍ଦର ପ୍ରାଧିକରଣ ର ସମସ୍ତ କର୍ମଚାରୀ, ହିତାଧିକାରୀ ଓ କ୍ରିକେଟ ପ୍ରେମୀମାନଙ୍କୁ ଏହି ସମସ୍ତ ମ୍ୟାଚ୍ ଦେଖିବା ଓ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଆମନ୍ତ୍ରଣ କରାଯାଇଛି ।


## ଆହତ ହରିଣ ଉଦ୍ଧାର

ବାଲିପାଟଣା :( ମହାଭାରତ ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା କୁଳନ୍ତିରା ବାଗିଲୋ ଗ୍ରାମ ରୁ ଆଜି ଏକ ବିରାଟ ହରିଣ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକେ ଆଜି ହରିଣ ଟି ଗାଁ ନିକଟରେ ଦୌଡୁଥିବା ଦେଖିଥିଲେ । ବୁଲା କୁକୁର ହରିଣ ପଛରେ ଗୋଡ଼ାଇଥିଲେ । ଗାଁ ଯୁବକ ମାନେ ଏକାଠି ହୋଇ ହରିଣ କୁ ଉଦ୍ଧାର କରିବାକୁ ଲାଗି ପଡିଥିଲେ । ଲୋକଙ୍କ ଭୟରେ ହରିଣ ଟି ପୋଖରୀ ଭିତରୁକୁ ଡେଇଁ ପଡିଥିଲା । ବହୁ କସରତ କରି ହରିଣ କୁ ଉଦ୍ଧାର କରିବା ପରେ ମାଈ ହରିଣ ବୋଲି ଜଣା ପଡିଥିଲା। ତାର ଗୋଡ଼ ରେ ଆଘାତ ଲାଗି କ୍ଷତ ସୃଷ୍ଟି ହୋଇଛି ବାଲିପାଟଣା ବନ ବିଭାଗକୁ ହରିଣଟି କୁ ଉଦ୍ଧାର କରିଛି ହରିଣ ଦେଖିବାକୁ ଆଖ ପାଖ ଗାଁ ଲୋକଙ୍କ ଭିଡ଼ ଜମୁଛି ବନାଞ୍ଚଳ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆହତ ହରିଣ କୁ ଉଧାର କରି ଚିକିତ୍ସା କରି ନିଜ ହେପାଜତକୁ ନେଇଛନ୍ତି।

## ଉମରକୋଟ ବ୍ଲକ ସୁନାବେଡା ଅନୁସୂଚିତ ଜାତି ଜନଜାତି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଉମରକୋଟ (ମହାଭାରତ) : ଉମରକୋଟ ବ୍ଲକ ସୁନାବେଡା ଅନୁସୂଚିତ ଜାତି ଜନଜାତି ଆଶ୍ରମ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ର ଆରମ୍ଭ ରୁ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଥିଲେ। ପରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ଭାଷଣ ସଂଗୀତ ଗାନ କରିଥିଲ। ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଜଲି ମହାପାତ୍ର ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ର ପାରିପାର୍ଶ୍ଵିକ ସୁନ୍ଦରତା ଓ ଛାତ୍ର ଛାତ୍ରୀ ଙ୍କ ଶୃଙ୍ଖଳା କୁ ମନ୍ତ୍ରୀ ପ୍ରଶଂସା କରିବା ସହ ଶିକ୍ଷା ପ୍ରାପ୍ତ ମହତ୍ୱ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ସହ ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ବି ଇ ଓ ଈଶ୍ୱର ଚନ୍ଦ୍ର ମାଝୀ, ଏଡି.ଓ ଭରତ ଚନ୍ଦ୍ର ସାହୁ, ଡାକ୍ତର ନିୟାମତ ଅଲ୍ଲୀ,ଗୋଷ୍ଠୀ ମଙ୍ଗଳ ଅଧିକାରୀ, ବିଧୁ ଭୂଷଣ ବେହେରା,ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସବିତା ବଞ୍ଜାରା,ଶିଖକ ମାନଙ୍କ ମଧ୍ୟରେ ରଞ୍ଜନ କୁମାର ବେହେରା, ମନୋଜ ମିଶ୍ର, ସୁନୀଲ କୁମାର ପାଢ଼ୀ, ସାଧୁରାମ ଭତରା, ବିଦ୍ୟାଳୟ ପରିଚାଳନା ସଭାପତି, ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ୨ କାର ମୁହାଁ ମୁହିଁ ଧକ୍କା, ତିନି ମୃତ , ୫ ରୁ ଅଧିକ ଆହତ



ଉମରକୋଟ (ମହାଭାରତ): ରାୟପୁର ବିଶାଖାପାଟଣା ନିର୍ମାଣଧୀନ ଭାରତମାଳା ରାସ୍ତାରେ ଆଜି ଏକ ବଡ ଧରଣର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯାଇଛି ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୬ ରୁ ଅଧିକ ଗୁରୁତର ହେଇ ଯାଇଛନ୍ତି। ଦୁର୍ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହର ନିକଟବର୍ତ୍ତୀ ବଡ଼କୁମାରୀ ଗ୍ରାମ ନିକଟ ଦେଇ ଯାଇଥିବା ଭାରତମାଳା ରାସ୍ତାରେ। ମିଳିଥିବା ସୂଚନା ଅନୁଯାୟୀ ଝରିଗାଁ ଥାନା ଅନ୍ତର୍ଗତ ଚିତାବେଡ଼। ଗ୍ରାମ ଠାରେ ଝରିଗାଁ ବ୍ଲକର ବିଶିଷ୍ଟ ଠିକାଦାର ଶିବ ଶତପଥୀଙ୍କ ପୁଅର ବ୍ରତ ଥିଲା। ଭୋଜି ଖାଇସାରିବା ପରେ ଶିବ ଙ୍କ ପରିବାର ର ଲୋକେ ଏକ କାର ଯୋଗେ୫ ପରିବାର ଗୋଟିଏ କାର ରେ କୋରାପୁଟ ରୁ ସୁନାବେଡ଼ା ଯାଉଥିଲେ। ଅନ୍ୟ ଏକ କାରଟି କଳାହାଣ୍ଡି ମଟେରରୁ,ରାଇଘର ହଳଦୀ ଗ୍ରାମକୁ ବାହାଘରେ ଯୋଗ ଦେବାକୁ ଯାଉଥିଲା । ତେବେ ଯେଉଁ କୟର ସୁନାବେଡ଼ା ଯାଉ ଥିଲା ସେହି କାର ରେ ୫ ଜଣ ଥିଲେ ଯେଉଁଥିରେ କି ୩ ଜଣ ଙ୍କ ମୃତୁ ଘଟିଲା । ମୃତକ ମାନେ ହେଲେ କୋରାପୁଟ ଜିଲ୍ଲା ସୁନାବେଡା ଅଂଚଳ ରୟ ସମ୍ପର୍କରେ ଅଜା ଅରୁଣ କୁମାର ପଣ୍ଡା (୬୫), ନାତି ଆଶୁତୋଷ ରଥ (୧୦)ଓ ଭଣଜା ସୁବ୍ରତ ସତପଥୀ (୩୫) ଙ୍କ ମୃତ୍ୟୁ ହୋଇଛି।

## ହାଇୱା ଧକା ରେ ୬୦ ବର୍ଷ ବୃଦ୍ଧଙ୍କ ମୃତ

ଦାନଗଦି:(ମହାଭାରତ)କଳିଙ୍ଗନଗର ଡୁବୁରି ରାଜରାସ୍ତାରେ ଅଭାବନୀୟ ଘଟଣା ଘଟି ହାଇୱା ଧକା ରେ ଡୁବୁରି ଗ୍ରାମର ବିଜୟ ସ୍ୱାଇଁ (୬୦) ଙ୍କ ଘଟଣା ସ୍ଥଳରେ ମୃତୁ ଘଟିଛି ।କଳିଙ୍ଗନଗର ରାଜରାସ୍ତାରେ ଅନେକ ବାର ଏଭଳି ଦୁର୍ଘଟଣା ରେ ନିରୀହ ଜନସାଧାରଣ ଙ୍କ ଜୀବନ ଗଲାଣିୟ କଳିଙ୍ଗନଗର ରାଜରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇପଡ଼ିଥିବାବେଳେ ହଜାର ହଜାର ଯାନ ବାହାନ ଯାତାୟାତ ଫଳରେ ଅନେକ ସମସ୍ୟା ରେ ପଡୁଛନ୍ତି ଏଠାକାର ଲୋକେ। ୨୦ ରୁ ଉର୍ଦ୍ଧ କାରଖାନା ଯାହା କଳିଙ୍ଗନଗର ରେ ଗଢି ଉଠିଛି କାରଖାନାକୁ ପ୍ରତ୍ୟେକଦିନ ଭାରି ଯାନବାହାନ ଚଳାଚଳ ଏହି ରାସ୍ତାରେ ହେଉଥିବା ବେଳେ କଳିଙ୍ଗନଗର ରାଜରାସ୍ତାରେ ଅନେକ କ୍ଷେତ୍ରରେ ସମସ୍ୟା ର ଶିକାର ହେଉଛନ୍ତି ଜନସାଧାରଣ ।ଯାହାଫଳରେ ଦୁର୍ଘଟଣାରେ ନିରୀହ ଲୋକଙ୍କ ଜୀବନ ଯାଉଛି। ଏଥିପ୍ରତି ପ୍ରଶାସନ କି କୌଣସି କାରଖାନା ମାଲିକାନା ମାନେ ପଦକ୍ଷେପ ନେଉନାହାନ୍ତି। କଥା ଉଠୁଛିକି ରାଜସ୍ୱ ଏହି କଳିଙ୍ଗରରୁ କୋଟି କୋଟି ଟଙ୍କା ସରକାର ଲାଭ କରୁଥିବାବେଳେ କାରଖାନା ମାଲିକାନା ମଧ୍ୟ କଳିଙ୍ଗନଗର ଅ□ଳରୁ ବେଶ୍ ଲାଭବାନ ହେଉଛନ୍ତି। ଦୁର୍ଭାଗ୍ୟର ବିଷୟ କୋଟି କୋଟି ଟଙ୍କା ଆୟ କରୁଥିବାବେଳେ ପ୍ରଶାସନ କି କାରଖାନା ମାଲିକାନା ସୁରକ୍ଷା ବ୍ୟବସ୍ଥାକୁ ଆଖିଠାର ମାରୁଛନ୍ତି। କାରଖାନାକୁ ଭାରିଯାନ ଚଳାଚଳ ସହ ମାଲ ପରିବହନ ମାତ୍ରାଧିକ ବଢ଼ିଥିବାବେଳେ ଏଠାକାର ଜନସାଧାରଣ ଙ୍କ ମତ ରହିଛି ସ୍ତନ୍ତ୍ର ରାସ୍ତା ନିର୍ମାଣ ସହ ରାଜରାସ୍ତାରେ କାରଖାନାକୁ କଞ୍ଚା ମାଲ ପରିବହନ କରୁଥିବା ଭାରିଜାନ ବାହାନା ନିଷେଧ କରାଯାଉ ସୁରକ୍ଷା ପାଇଁ ଟ୍ରାଫିକ ନିୟମ ଲାଗୁକରାଯାଉ ଯାହା ଫଳରେ ସୁରକ୍ଷିତ ହୋଇ ଯାତାୟାତ କରିପାରନ୍ତେ ଏଠାକାର ଜନସାଧାରଣ ।

# ମା’ ଚୈତ୍ରାଇ ଓ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଉଦଯାପିତ



ନାରାୟଣପାଟଣା,(ମହାଭାରତ): ନାରାୟଣପାଟଣାର ଅଧିଷ୍ଠାତ୍ରୀ ଦେବୀ ମା’ ଚୈତ୍ରାଇ, ମା’ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍ୟାପିତ ହୋଇଯାଇଛି । ବୁଧବାର ସକାଳେ ମା’ ଙ୍କ ଘଟ ଗାଁ ପରିକ୍ରମା କରି ପୂଜା ପାଇବା ପରେ ନିଜ ଅସ୍ଥାନକୁ ଫେରିଛନ୍ତି । ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ରୀତିନୀତିରେ ବାଜା, ମହୁରୀ, ବଦ୍ଧ, ଘଣ୍ଟର ତାଳେ ତାଳେ ଗତ ସୋମବାର ଦିନ ମା’ ଙ୍କୁ ସ୍ଥାୟୀ ମନ୍ଦିରରୁ ଗାଁରେ ନିର୍ମିତ ଅସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା । ୯ ଦିନ ଧରି ମା’ ଏଠାରେ ପୂଜା ପାଇଥିଲେ ଗାଁର ପ୍ରତ୍ୟେକ ଘରକୁ ଯାଇଥିଲେ ମା’ ମାନସିକଧାରୀ ଶ୍ରଦ୍ଧାଳୁମାନେ ମା’ ଙ୍କ ନିକଟରେ ଛେଳି, କୁକୁଡ଼ା, ପାରା ଇତ୍ୟାଦି ବଳି ଦେଇଥିଲେ । ଯାତ୍ରା ପାଇଁ ପୂରା ଅଞ୍ଚଳକୁ ଆଲୋକମାଳାରେ ସଜା ଯାଇଥିଲା। ମନ୍ଦିର ପରିସରରେ ପ୍ରବଳ ଗହଳି କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୁଲିସ ପ୍ରଶାସନ ତରଫରୁ ଥାନା ଅଧିକାରୀ ମମତା ପଣ୍ଡା ମହୋଦୟା ,ଏସ୍ ଆଇ ନରସୀହ ପାଢୀ ଙ୍କ ନେତୃତ୍ୱରେ ବହୁ ପୋଲିସ ସୁରକ୍ଷା ବ୍ୟବସ୍ଥା। ଗ୍ରହଣ କରାଯାଇଥିଲା ଅଧକ୍ଷ ଗୋଲାଦୀ ତ୍ରିନାଥ, ଯାତ୍ରା କମିଟିର ଉପ ସଭାପତି ଦୟାନିଧି ପ୍ରଧାନ, କାର୍ଯ୍ୟକାରୀ ସଭାପତି ପି ନବୀନ ସୁବୁଦ୍ଧି, ସମ୍ପାଦକ ଏସ୍ ତ୍ରିନାଥ,ଉପସଭାପତି ପଦ ପର୍ଶୁରାମ ତାଡିଙ୍ଗି, କୋଷାଧକ୍ଷ ରମେଶ ଦାସ, ଉପଦେଷ୍ଟା ଲଳିତ ନାରାୟଣ ପରିଡା ,ଚରି ବାରାଣାସୀ ,କୁନୁପିଲି ବୁଜୋ,ଜାମି ବୁଲା,ଶୀବାଜୀ ପଟନାୟକ,କାଳିଆ ରାଉତ,ଆଇ ବାଦା,ଆଇ ଶ୍ୟାମ ,ତେଜା,ମୋନଜ ସେଠୀ ,ହିରେନ୍ଦ୍ର ଗରଡା ,ଗୋଲାଦି ଶଙ୍କର ,ଗୋକୁଳ ରାଉତ ,ସନ୍ଦିପ ମାଝି ପରି ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ । ଯାତ୍ରା ସମୟରେ ମେଳା, ଆଦିବାସୀ ନାଟକ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବିଜୁଳି ମାଡ଼ରେ ଘର ଭସ୍ମୀଭୂତ

### ଅଗ୍ନିଶମ ବିଭାଗର ବିଳମ୍ବକୁ ନେଇ ଅଭିଯୋଗ

କୃଷ୍ଣପ୍ରସାଦ,(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ରବିବାର ଦିନଠାରୁ ଦୁଇ ଦିନ ଧରି କାଳ ବୈଶାଖୀ ଆରମ୍ଭ ହୋଇଥିଲା ବେଳେ ମାଲୁଦ ପଞ୍ଚାୟତର ଫତେପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ନକୁଳ ଗିରି, ସଞ୍ଜୟ ଗିରି ଓ ରଞ୍ଜନ ଗିରିଙ୍କ ତିନି ବଖରା ଘର ବିଜୁଳି ମାଡ଼ରେ ଅଗ୍ନିକାଣ୍ଡ ସୃଷ୍ଟି ହୋଇ, ସମ୍ପୂର୍ଣ୍ଣ ଭାବେ ଘରଗୁଡ଼ିକ ଜଳି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଘଟଣା ସମୟରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ, ସେମାନେ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ବିଳମ୍ବ ହେତୁ ନିଆଁକୁ ଆୟତ କରାଯାଇପାରିନଥିଲା ତେଣୁକରି କ୍ଷତି ବେଶି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀମାନେ ଅଗ୍ନିଶମ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ଅସନ୍ତୋଷ ପ୍ରକାଶ କରି, ଏହାକୁ ବେପରୱା ଓ ଅବହେଳାପୂର୍ଣ୍ଣ ବ୍ୟବହାର ବୋଲି ଅଭିହିତ କରିଛନ୍ତି ।ଏହା ସହ, ପ୍ରଶାସନଙ୍କୁ ଦାବି କରାଯାଇଛି ଯେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ, ଏବଂ ପ୍ରଭାବିତ ପରିବାରମାନଙ୍କୁ ଯଥାଶୀଘ୍ର ସହାୟତା ଓ ପୁନର୍ବାସ ବ୍ୟବସ୍ଥା କରାଯାଉ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ଗଜପତି(ମହାଭାରତ):ଆଜି ଜିଲ୍ଲା ପ୍ରଶାସନ,ଗଜପତି ଏବଂ ଭାରତୀୟ ରେଡ୍କ୍ରସ ସମିତି,ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ ।ଉକ୍ତ ଶିବିରରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି । ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ । ପୃଥ୍ୱୀରାଜ ମଣ୍ଡଳ,ଅବକାରୀ ଅଧୀକ୍ଷକ, ଗଜପତି । ପ୍ରଦୀପ ସାହୁ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ।

## ଜନ ଗଣନାକାରି ଓ ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଶିବିର



ନୂଆଗାଁ (ମହାଭାରତ ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ରବିବାର ଠାରୁ ସୋମବାର ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ଭାରତର ଜନଗଣନା କାର୍ଯ୍ୟକ୍ରମ ଗୃହ ତାଲିକା ଏବଂ ଗୃହ ଗଣନା ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଉଦ୍ୟାପିତ ହୋଇଯାଇଛି ।ଏହି ପ୍ରଶିକ୍ଷଣ ଶିବିରରେ ୨୩୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସେମାନେ ଚଳିତ ମାସ ୧୬ ତାରିଖରୁ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗୃହ ଗଣନା ଏବଂ ଗୃହତାଲିକା ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବେ ।ଏହି ଉଦ୍ୟାପନୀ ସଭାରେ ଅତିଥି ଭାବେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ଯୋଗଦେଇ ଗୃହ ଗଣନା ଓ ଜନଗଣନା କାର୍ଯ୍ୟର ମହ୍ତ୍ୱ,ଏହାଦ୍ୱାରା ଦେଶର ବିକାଶ ଓ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହୋଇଥାଏ ବୋଲି କହିଥିଲେ ।ନୂଆଗାଁ ଅତିରିକ୍ତ ତହସିଲିଦାର ଭବାନୀ ଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଆୟୋଜିତ ଏହି ଉଦ୍ୟାପନୀ ସଭାରେ ପ୍ରଶିକ୍ଷକ ଭାବେ କୃଷ୍ଣପ୍ରିୟା ଦେବୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଶପଲ୍ଲା ଅଧ୍ୟାପକ ଧିରେନ୍ଦ୍ର କୁମାର ମହାରଣା,ଡବ୍ଲୁ ଇ ଓ ଦଶପଲ୍ଲା ରଶ୍ମି ରଞ୍ଜନ ବାରିକ,ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟାକେରା ଅଧ୍ୟାପକ ରାଧା ମୋହନ କମାରୀ ,ଅତିରିକ୍ତ ତହସିଲଦାର ଓଡ଼ଗାଁ ପବିତ୍ର କୁମାର ସେଠୀ,ବାହାଡ଼ ଝୋଲା ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ,ଜଗଓ୍ଵାଥ ପ୍ରସାଦ ହାଇସ୍କୁଲ ସହକାରୀ ଶିକ୍ଷକ ଭବାନୀ ଶଙ୍କର ସାହୁ,ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ନୀଳକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ଏଚ୍ ଏଲ ଓ ଆପ୍ ଦ୍ୱାରା ଗଣନା କାର୍ଯ୍ୟ କରାଯିବ ,କିପରି ମ୍ୟାପିଂ କରାଯିବ,ଗୃହ ଗୁଡିକରେ କିପରି ବିଲ୍ଡିଂ ନଂ ଏବଂ ସେନ୍ସେସ ଗୃହ ନଂ ପର୍ଯ୍ୟାୟକ୍ରମେ ଲେଖାଯିବ ଏବଂ ପରିବାରର ମୁଖ୍ୟଙ୍କ ଠାରୁ ୩୪ ଟି ତଥ୍ୟ ସଠିକ୍ ଭାବେ ଆଦାୟ କରି ଗଣନା କାର୍ଯ୍ୟ କରାଯିବ ସେ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥି ସହିତ ତାଲିମ ଗ୍ରହଣ କରୁଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଗୃହ ଗଣନା ସମ୍ପର୍କିତ ସମସ୍ତ ଦ୍ୱନ୍ଦ ଦୂର କରିଥିଲେ ।ଗତ ତିନିଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରକୁ ନୂଆଗାଁ ତହସିଲ ପକ୍ଷରୁ ହରି ହର ସାହୁ, ବରୁଣ କୁମାର ମଲିକ , ନିରଞ୍ଜନ ସାଥୁଆ, ଭାବଗ୍ରାହି ସିଠ, ସମେତ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।ନୂଆଗାଁ ତହସିଲ ପକ୍ଷରୁ ଆୟୋଜିତ ହୋଇଥିବା ତାଲିମ ଶିବିରରେ ସ୍ୱାଦିଷ୍ଟ ଖାଦ୍ୟ ପେୟ ସହ ତାଲିମ ସମ୍ପର୍କିତ ସମସ୍ତ ବ୍ୟବସ୍ଥା ଉଚ୍ଚ କୋଟୀର ଥିଲା ବୋଲି ତାଲିମ ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନେ ମତବ୍ୟକ୍ତ କରିଥିଲେ।

## ଗଜପତି ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଉତ୍ସବ



ଗଜପତି(ମହାଭାରତ): ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ତରଫରୁ ପ୍ରାଥମିକ ବିଦ୍ୟାଳୟ କୁନି କୁନି ପିଲାମାନଙ୍କୁ ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ବର୍ଣ୍ଣବୋଧ ପୁନଃ ମୁଦ୍ରଣ କରିବା ସହ ଆଜି ସଂପୂର୍ଣ୍ଣ ରାଜ୍ୟ ତଥା ଗଜପତି ଜିଲ୍ଲାରେ ବଣ୍ଟନ କରାଯାଇଅଛି । ଏହି କୋମଳ ମତି ପିଲାମାନଙ୍କ ମନରେ ନିଜ ମାତୃଭାଷା ପ୍ରତି ଭଲ ପାଇବା ସହ ଭାଷାକୁ ସଠିକ୍ ଓ ନିର୍ଭୁଲ୍ ଭାବରେ ଶିଖିବା ପାଇଁ ବର୍ଣ୍ଣବୋଧ ର ଆବଶ୍ୟକତା ଅନୁଭବ କରି ଏହି ଭଳି ଉତ୍ତମ ପଦକ୍ଷେପ ଗ୍ରହଣ କରାଯାଇଛି ।ଭାଷା ହେଉଛି ସାହିତ୍ୟ ଓ ସଂସ୍କୃତି ର ଆଗମୀ ବାହକ ଏବଂ ତା’କୁ ସୁରକ୍ଷିତ ଓ ସମୃଦ୍ଧ କରିବାକୁ ହେଲେ ବନାନ ର ଠିକ୍ ପ୍ରୟୋଗ ବର୍ଣ୍ଣବୋଧ ରୁ ପ୍ରାଥମିକ ସ୍ତରରୁ ଶିକ୍ଷା ପାଇବାର ଆବଶ୍ୟକତା ଅଛି। ଏଣୁ ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ଗାନ୍ଧୀ ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ରା ହୋନନାଗା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କିନିକୁନି ପିଲାମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରିଛନ୍ତି ।ଗଜପତି ଜିଲ୍ଲାରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମସ୍ତ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ସ୍ଥାନୀୟ ଗୋଷ୍ଠୀ ଉତ୍ତୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ସ୍ଥାନୀୟ ଜନପ୍ରତିନିଧି ମାନେ ବର୍ଣ୍ଣବୋଧ ବହି ବଣ୍ଟନ କରିଛନ୍ତି। ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ଅପ୍ରେଲ ୧ ତାରିଖ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ୍.ମାୟାଧର ସାହୁ,ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ସ୍ଥାନୀୟ ପ୍ରଧାନ ଶିକ୍ଷକ ଶ୍ରୀ ଜି.ତିରୁପତି ରାଓ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇ ବର୍ଣ୍ଣବୋଧ ବହି ବ□ନ ଉତ୍ସବକୁ ସଫଳ କରିଥିଲେ।

## ମୃତଦେହ ଫେରାଇ ଆଣିବାରେ ସହାୟତା ପାଇଁ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ମହନୀୟ ପ୍ରୟାସ


ଗୋଲାମୁଣ୍ଡା,( ମହାଭାରତ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମହାଲିଙ୍ଗ ଗ୍ରାମର ର ଜଣେ ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ମୃତଦେହକୁ ଫେରାଇ ଆଣିବାକୁ ଅସମର୍ଥ ଥିବାବେଳେ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସହାୟତାର ହାତ ବଢ଼ାଇଛନ୍ତି ।ଏହି ପଦକ୍ଷେପ ସ୍ଥାନୀୟ ଅ□ଳରେ ତାଙ୍କର ମାନବିକତା ଏବଂ ସେବା ମନୋଭାବକୁ ପ୍ରତିପାଦିତ କରିଛି ।ସୂଚନାମତେ , ମହାଲିଙ୍ଗ ଗ୍ରାମର ଲିଙ୍ଗରାଜ ଅଘରିଆ (୩୫) ନାମକ ଜଣେ ଯୁବକ ଏକ ସଡ଼କ ଦୁର୍ଘଟଣା ର ଶିକାର ହୋଇ ଗୁରୁତର ଅବସ୍ଥାରେ ରାୟପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଗତକାଲି ଦୁର୍ଭାଗ୍ୟବଶତଃ ଚିକିତ୍ସାଧିନ ଅବସ୍ଥାରେ ଉକ୍ତ ଯୁବକଙ୍କ ଦେହାନ୍ତ ହୋଇଥିଲା । ଯାହାଙ୍କ ମୃତଦେହକୁ ତାଙ୍କ ବାସସ୍ଥାନ ମହାଲିଙ୍ଗ କୁ ଫେରାଇ ଆଣିବା ପାଇଁ ଆର୍ଥିକ ଅବସ୍ଥା ନଥିଲା ୟଏପରି ଏକ ସମ୍ବେଦନଶୀଳ ସମୟରେ, ପରିବାରଟି ଅସହାୟ ଅବସ୍ଥାରେ ଥିଲା । ଏନେଇ ଉକ୍ତ ଯୁବକଙ୍କ ପରିବାର ଲୋକେ ସୋସିଆଲ ମେଡିଆ ରେ ସାହାଯ୍ୟ ଓ ସହଯୋଗ ର ହାତ ବଢ଼ାଇବା ପାଇଁ ବ୍ଲକ ଅଧ୍ୟକ୍ଷ ଓ ଜୁନାଗଡ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇବା ପରେ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ତୁରନ୍ତ ପରିବାର ସହିତ ଯୋଗାଯୋଗ କରିଥିଲେ । ସେ କେବଳ ସମବେଦନା ଜଣାଇ ନଥିଲେ, ବରଂ ମୃତଦେହକୁ ଫେରାଇ ଆଣିବା ପାଇଁ ତୁରନ୍ତ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ଶ୍ରୀ ମହାନନ୍ଦ ନିଜେ ଏହି ପ୍ରକ୍ରିୟାର ତଦାରଖ କରିଥିଲେ ଏବଂ ଆବଶ୍ୟକ ପାଣ୍ଠି ଯୋଗାଇବାରେ ସହାୟତା କରିଥିଲେ, ଯାହାଦ୍ୱାରା ମୃତଦେହକୁ ସମ୍ମାନର ସହିତ ତାଙ୍କ ଗାଁକୁ ଫେରାଇ ଅଣାଯାଇପାରିଲା ।ତାଙ୍କର ଏହି କାର୍ଯ୍ୟ ଗୋଲାମୁଣ୍ଡା ବ୍ଲକବାସୀଙ୍କ ମଧ୍ୟରେ ପ୍ରଶଂସାର ପାତ୍ର ହୋଇଛି । ସେ ଦୁଃଖରେ ଥିବା ପରିବାର ପାଇଁ ଏକ ଆଶାର ଆଲୋକ ଭାବରେ ଉଭା ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧିମାନଙ୍କୁ ସମାଜର ଦୁର୍ବଳ ବର୍ଗଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି । ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଏହି ମହାନ କାର୍ଯ୍ୟ ସମାଜରେ ସହଯୋଗ ଏବଂ ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି । ବିଶାଖାପାଟଣା, ରାୟପୁର, ଭବାନୀପାଟଣା, ବୁର୍ଲା ଠାରୁ ଆରମ୍ଭ କରି ନାଗପୁର ରୁ ମଧ୍ୟ ଗରିବ ଅସହାୟ ପରିବାର ର ମୃତ ଶରୀର କୁ ନିଜର ବ୍ୟକ୍ତିଗତ ଅର୍ଥ ରାଶି ରୁ ଚରି ଚକିଆ ଗାଡି ମାଧ୍ୟମରେ ନିଜ ନିଜ ଗାଁ କୁ ଆଣିବାରେ ପୂର୍ଣ୍ଣ ସହଯୋଗ କରିଛନ୍ତି।

## ସାତପଡ଼ା ମଣ୍ଡଳ ପକ୍ଷରୁ ବିଜେପିର ପ୍ରତିଷ୍ଠା ଦିବସ



କୃଷ୍ଣପ୍ରସାଦ(ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସାତପଡ଼ା ମଣ୍ଡଳ ପକ୍ଷରୁ ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମଣ୍ଡଳ ସଭାପତି ପ୍ରଦୀପ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅରଖକୁଦା ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ତାଳ ଗୁଡ଼ ନିଗମ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଦଳୀୟ ଧ୍ୱଜା ଉତ୍ତୋଳନ କରିଥିଲେ । ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ,ପିରିଜିପୁର ପଞ୍ଚାୟତ ସରପ□ ଇଂ ମଳୟ କୁମାର ଜେନା, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ସରୋଜ କୁମାର ଲେଙ୍କା, ଅରଖକୁଦା ପଞ୍ଚାୟତ ସରପଞ୍ଚ ସୁମିତ୍ରା ବେହେରା, ମାଣିକା ପଞ୍ଚାୟତ ସରପଞ୍ଚ ଜିକୁରନ ବିବି, ପଣସପଦା ପଞ୍ଚାୟତ ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ଗମ୍ଭାରୀ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସାତପଡ଼ା ପଞ୍ଚାୟତ ସରପଞ୍ଚ ରଶ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳର ଉପସଭାପତି ବିନୋଦ ପଲାଇ, କୋଷାଧ୍ୟକ୍ଷ ପ୍ରକାଶ ବେହେରା, ସାଧାରଣ ସମ୍ପାଦକ ମଧୁସୂଦନ ଦାସ, କୃଷକ ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ସାହୁ, ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଦେବାଶିଷ ଚମ୍ପତି, ପ୍ରଭାକର ବେହେରା, ବାପୁଜୀ ବେହେରା, ଆଦିତ୍ୟ ଜେନା ସମେତ ଦଳୀୟ କର୍ମୀ,କର୍ମକର୍ତ୍ତା, ସଂଗଠକ ପ୍ରମୁଖ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ସଂକଳ୍ପ ନେଇଥିଲେ ।

## ତାଣ୍ଡବ ରଚିଲା କାଳ ବୈଶାଖୀ



ଦଶପଲ୍ଲା,(ମହାଭାରତ ): ସୋମବାର ଅପରାହ୍ନ ୩ଟା ବେଳକୁ ଆରମ୍ଭ ହେଲା ବର୍ଷା ସହିତ ପବନ ଆଉ ଘଡ଼ଘଡ଼ି । ପବନର ବେଗ ଆନୁମାନିକ ୬୦ ରୁ ୯୦ କି.ମି ଓ ଝଟକା ପବନ ୧୦୦ ରୁ ଅଧିକ ଥିଲା । ଯାହା ଫଳରେ ଦଶପଲ୍ଲା ବ୍ଲକ୍ ତଥା ଏନ ଏ ସି ର ବିଭିନ୍ନ ସ୍ଥାନରେ ଅନେକ ବଡ ବଡ ଗଛ, ବିଦ୍ୟୁତ ଖୁଣ୍ଟି, ବାସଗୃହ ଆଦି ନଷ୍ଟ ହୋଇଛି । ଲଙ୍କାପୋଡି ଯାତ୍ରା ପାଇଁ ନିର୍ମିତ ତୋରଣ ଭାଙ୍ଗି ରାସ୍ତା ଉପରେ ପଡିଥିବାର ନଜିର ଆସିଥିଲା ।ବିଶେଷ ଭାବରେ ରାସ୍ତା ଉପରେ ଗଛ ପଡିଥିବାରୁ ବହୁ ଯାନବାହାନ କିଛି ସମୟ ପାଇଁ ରାସ୍ତାରେ ଅଟକି ରହିଥିଲା। ଅଗ୍ନିଶମ ବିଭାଗ ରାସ୍ତା ଉପରୁ ଗଛ ହଟାଇବା ପରେ ଗାଡି ମୋଟର ଯାତାୟାତ କରିଥିଲା। କାଳବୈଶାଖି ପ୍ରଭାବରେ ବିଦ୍ୟୁତ ସେବା ମଧ୍ୟ ପ୍ରଭାବିତ ହୋଇଛି ।ସୁଚନା ଯୋଗ୍ୟ ଯେ, ପ୍ରବଳ ପବନ ଯୋଗୁଁ କେତେକ ସ୍ଥାନରେ ବଡ଼ ବଡ଼ ଗଛ ଓ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ କିଛି ସମୟ ପାଇଁ ଯାନବାହନ ଠପ୍ ହୋଇଯାଇଥିଲା ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ ରାସ୍ତା ସଫା କରି ପରିସ୍ଥିତିକୁ ସ୍ୱାଭାବିକ କରିଥିଲେ । ଖବର ପଠାଇବା ପର୍ଯ୍ୟନ୍ତ ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ନଥିବା ବେଳେ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

## ଟଳିଲା ମହାଯୁଦ୍ଧର ବିପଦ ! ଇରାନ ସହ ୨ ସପ୍ତାହ ପାଇଁ ଶାନ୍ତି ଚୁକ୍ତି

ନୂଆଦିଲ୍ଲୀ: ଟଳିଲା ମହାଯୁଦ୍ଧର ବିପଦ! ଟ୍ରମ୍ପଙ୍କ ବଡ଼ ନିଷ୍ପତ୍ତି । ଇରାନ ସହ ୨ ସପ୍ତାହ ପାଇଁ ଶାନ୍ତି ଚୁକ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଦୁଇ ସପ୍ତାହ ପାଇଁ ଯୁଦ୍ଧବିରତି ଘୋଷଣା କରିଛନ୍ତି । ନିଜେ ସେଟ୍ କରିଥିବା ଡେଡଲାଇନ୍ ଶେଷ ହେବାର ମାତ୍ର କିଛି ଘଣ୍ଟା ପୂର୍ବରୁ ସେ ଏହି ସୂଚନା ଦେଇଛନ୍ତି । ଅସ୍ତ୍ରବିରତିର ଚୁକ୍ତି ରଖିଛନ୍ତି ଟ୍ରମ୍ପ । ଇରାନକୁ ତୁରନ୍ତ ଏବଂ ସୁରକ୍ଷିତ ଭାବେ 'ହରମୁଜ ପ୍ରଣାଳୀ' ଖୋଲିବାକୁ ପଡ଼ିବ, ଯେଉଁଠାରୁ ବିଶ୍ୱର ପ୍ରାୟ ୨୦% ପେଟ୍ରୋଲିୟମ୍ କାରବାର ହୋଇଥାଏ । ଏହାର ବଦଳରେ ଆମେରିକା ଇରାନ ଉପରେ କୌଣସି ବୋମାମାଡ଼ ବା ଆକ୍ରମଣ କରିବ ନାହିଁ । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ସେନାମୁଖ୍ୟ ଆସିମ ମୁନୀରଙ୍କ ଅନୁରୋଧ କ୍ରମେ ଟ୍ରମ୍ପ ଏହି ସୁଯୋଗ ଦେଇଛନ୍ତି ।

ଆସନ୍ତା ଶୁକ୍ରବାର ଦିନ ପାକିସ୍ତାନର ଇସଲାମାବାଦରେ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହେବ । ଇରାନ ପକ୍ଷରୁ ଏକ '୧୦-ପଏଣ୍ଟ' ଶାନ୍ତି ପ୍ରସ୍ତାବ ଦିଆଯାଇଛି, ଯାହାକୁ ଟ୍ରମ୍ପ ଗ୍ରହଣଯୋଗ୍ୟ ବୋଲି କହିଛନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ଅଧିକାଂଶ ବିବାଦୀୟ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ଇସ୍ରାଏଲ ମଧ୍ୟ ଏହି ଯୁଦ୍ଧବିରତି ପାଇଁ ରାଜି ହୋଇଛି ଏବଂ ଲେବାନନରେ ହିଜବୁଲ୍ଲା ସହ ଚାଲିଥିବା ଲଢ଼େଇକୁ ସ୍ଥଗିତ ରଖିଛି। ଯୁଦ୍ଧ ବିରତି ଖବର ଆସିବା ପରେ ବିଶ୍ୱ ବଜାରରେ ଅଶୋଧିତ ତେଲ ଦରହ୍ରାସ ପାଇଛି । ଯଦିଓ ଏହା ଏକ ସ୍ଥାୟୀ ସମାଧାନ ନୁହେଁ, ତଥାପି ଏହି ୧୪ ଦିନର ସମୟ ଏକ ବଡ଼ ଯୁଦ୍ଧକୁ ରୋକିବାରେ ସହାୟକ ହେବ ।

ଟ୍ରମ୍ପଙ୍କ ୨ ସପ୍ତାହ ଯୁଦ୍ଧ ବିରତି ଘୋଷଣା । ହଠାତ କାହିଁକି ଘୋଷଣା କଲେ ଯୁଦ୍ଧବିରତି ? କାହିଁକି ଅଟକିଲା ଆମେରିକାର ଆକ୍ରମଣ ? ଏହା ପଛରେ ୬ ପ୍ରମୁଖ କାରଣ ରହିଛି । ପ୍ରଥମ ଆମେରିକା ନିଜର ସାମରିକ ଲକ୍ଷ୍ୟ ହାସଲ କରିସାରିଛି। ଆମେରିକୀୟ ସେନା ଇରାନ ବିରୁଦ୍ଧରେ ଯେଉଁ ସବୁ ମୁଖ୍ୟ ଲକ୍ଷ୍ୟ ରଖିଥିଲା ତାହା ପୂରଣ ହୋଇଛି । ବର୍ତ୍ତମାନ ଇରାନର ସାଧାରଣ ସମ୍ପତ୍ତି ଉପରେ ଆକ୍ରମଣ କରିବାର ଆବଶ୍ୟକତା ନାହିଁ । ଇରାନ ଏକ ୧୦-ପଏଣ୍ଟ ବିଶିଷ୍ଟ ଶାନ୍ତି ପ୍ରସ୍ତାବ ଦେଇଛି, ଯାହାକୁ ଟ୍ରମ୍ପ 'ଗ୍ରହଣଯୋଗ୍ୟ' କହିଛନ୍ତି । ଦୁଇ ଦେଶ ମଧ୍ୟରେ ଅଧିକାଂଶ ପୁରୁଣା ବିବାଦ ଉପରେ ସହମତି ହୋଇସାରିଛି । ୧୪ ଦିନର ସମୟ ମଧ୍ୟରେ ଏକ ସ୍ଥାୟୀ ଚୁକ୍ତି ପାଇଁ ଚେଷ୍ଟା କରାଯିବ । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏବଂ ସେନାମୁଖ୍ୟ ଆସିମ ମୁନୀର ଟ୍ରମ୍ପଙ୍କ ସହ ସିଧାସଳଖ କଥା ହୋଇଥିଲେ । ସେମାନେ ଆମେରିକାକୁ ଅନୁରୋଧ କରିଥିଲେ ଯେ କୂଟନୈତିକ ଆଲୋଚନା ପାଇଁ ଯୁଦ୍ଧକୁ କିଛି ଦିନ ସ୍ଥଗିତ ରଖାଯାଉ ।

ଏହି ଯୁଦ୍ଧବିରତି କେବଳ ସେତେବେଳେ ସଫଳ ହେବ ଯଦି ଇରାନ 'ହରମୁଜ ପ୍ରଣାଳୀ'କୁ ସମ୍ପୂର୍ଣ୍ଣ ଓ ସୁରକ୍ଷିତ ଭାବେ ଖୋଲିବ । ଇରାନ ଏଥିପାଇଁ ରାଜି ହୋଇଛି, ଯାହା ଫଳରେ ବିଶ୍ୱ ବଜାରକୁ ପୁଣିଥରେ ତେଲ ଯୋଗାଣ ସ୍ୱାଭାବିକ ହୋଇପାରିବ । ଟ୍ରମ୍ପ ଏହି ବିବାଦକୁ ବଢ଼ାଇବା ଅପେକ୍ଷା ଶାନ୍ତି ପ୍ରକ୍ରିୟା ମାଧ୍ୟମରେ ସମାଧାନ କରିବାକୁ ଚାହୁଁଛନ୍ତି । ଇସ୍ରାଏଲ ମଧ୍ୟ ଏହି ସର୍ତ୍ତରେ ରାଜି ହୋଇଛି । ଏହି ୨ ସପ୍ତାହର ସମୟ ମଧ୍ୟ ପୂର୍ବରେ ଶାନ୍ତି ଫେରାଇ ଆଣିବା ପାଇଁ ଏକ ବଡ଼ ସୁଯୋଗ । ଟ୍ରମ୍ପଙ୍କ ଘୋଷଣା ପଛରେ ଆଉ ଏକ ବଡ଼ କାରଣ ହର୍ମୁଜ ପ୍ରଣାଳୀ ଖୋଲିବା ପ୍ରସଙ୍ଗରେ ଚୀନ ଓ ରୁଷର ପ୍ରବେଶ ବୋଲି କୁହାଯାଉଛି । ଜାତିସଂଘରେ ହର୍ମୁଜ ପ୍ରଣାଳୀ ବିବାଦରେ ଗତକାଲି ରୁଷ ଓ ଚୀନ ପ୍ରବେଶ କରିଥିଲେ । ଜାତିସଂଘ ନିରାପତ୍ତା ପରିଷଦରେ ବାହାରିନ ତରଫରୁ ଆସିଥିବା ପ୍ରସ୍ତାବକୁ ରୁଷ ଏବଂ ଚୀନ ବିରୋଧ କରି, ଭିଟୋ ପ୍ରୟୋଗ କରିଥିଲେ ।

## ତୁରନ୍ତ ଇରାନ ଛାଡ଼, ଭାରତୀୟଙ୍କ ପାଇଁ ଆଡଭାଇଜରୀ ଜାରି କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ : ଆମେରିକା-ଇରାନ ଯୁଦ୍ଧବିରତି ମଧ୍ୟରେ କେନ୍ଦ୍ର ସରକାର ଭାରତୀୟମାନଙ୍କ ପାଇଁ ଏକ ଆଡଭାଇଜରୀ ଜାରି କରିଛନ୍ତି । ଯେଉଁଥିରେ ଭାରତୀୟମାନଙ୍କୁ ଯଥାଶୀଘ୍ର ଇରାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି କେନ୍ଦ୍ର ସରକାର ଭାରତୀୟମାନଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରିଛନ୍ତି । ଦୂତାବାସ ଆଡଭାଇଜରିରେ କହାଯାଇଛି କି, ଏପ୍ରିଲ ୭, ୨୦୨୬ ଘଟଣାର ସ୍ଥିତିକୁ ଦେଖି ଇରାନରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଦୂତାବାସ ତରଫରୁ ଜାରି ହୋଇଥିବା ମାର୍ଗଦର୍ଶନ ପାଳନ କରନ୍ତୁ । ତୁରନ୍ତ ଇରାନ ଛାଡି ଚାଲିଯାଆନ୍ତୁ । ଦୂତାବାସ ସହିତ ସଂପର୍କ ନ କରି ଅର୍ନ୍ତରାଷ୍ଟ୍ରୀୟ ସୀମା ଯାଏଁ ନ ଯିବାକୁ କୁହାଯାଇଛି । ଇରାନରେ ଫସି ରହିଥିବା ଲୋକମାନେ ଜରୁରୀକାଳୀନ ଯୋଗାଯୋଗ ନମ୍ବର ୯୮୯୧୨୮୧୦୯୧୧୫, ୯୮୯୧୨୮୧୦୯୧୦୯, ୯୮୯୧୨୮୧୦୯୧୦୯ ଏବଂ ୯୮୯୯୩୨୧୭୯୩୫୯ ନମ୍ବରରେ ଯୋଗାଯୋଗ କରିପାରିବେ । ଇମେଲ୍ ଆଇଡି ମାଧ୍ୟମରେ ମଧ୍ୟ ଯୋଗାଯୋଗ କରାଯାଇପାରିବ । ଗତକାଲି ରାତିରେ, ସରକାର ଇରାନରେ ଥିବା ଭାରତୀୟମାନଙ୍କୁ ୪୮ ଘଣ୍ଟା ପାଇଁ ସୁରକ୍ଷିତ ସ୍ଥାନରେ ରହିବାକୁ ନିର୍ଦ୍ଦେଶ ଦେଇ ଏକ ପରାମର୍ଶ ମଧ୍ୟ ଜାରି କରିଥିଲେ।

## ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବିରାମକୁ ଇସ୍ରାଏଲ ସମର୍ଥନ, ରଖିଲା ଏଭଳି ସର୍ତ୍ତ

ନୂଆଦିଲ୍ଲୀ : ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧ ବିରାମକୁ ଇସ୍ରାଏଲ ସମର୍ଥନ ଦେଇଛି । ଯୁଦ୍ଧ ବିରତି ପରେ ଇସ୍ରାଏଲର ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଇରାନ ସହିତ ଯୁଦ୍ଧ ବିରାମରେ ଆମେରିକାର ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ଏହାସହିତ ନିଜର ସର୍ତ୍ତକୁ ମଧ୍ୟ ରଖିଛି । ଲେବାନନ ଯୁଦ୍ଧକୁ ଏଥିରେ ସାମିଲ କରାଯାଇପାରିବ ନାହିଁ ବୋଲି ଇସ୍ରାଏଲ କହିଛି । ଦୁଇ ଦେଶ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା ହେବା ପରେ ବୁଧବାର ଇସ୍ରାଏଲ୍ କହିଛି ଯେ, ଆମେରିକା-ଇରାନ ଯୁଦ୍ଧବିରତି ଚୁକ୍ତିନାମାରେ "ଲେବାନନକୁ ସାମିଲ କରାଯାଇ ନାହିଁ।" ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବା ପରେ ଲେବାନନର ଇରାନ ସମର୍ଥିତ ଗୋଷ୍ଠୀ ହିଜବୋଲ୍ଲା ମଧ୍ୟ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ତେଣୁ ହିଜବୋଲ୍ଲା ମଧ୍ୟରେ ଯୁଦ୍ଧ ଭିତରକୁ ଟାଣି ହୋଇ ଆସିଥିଲା । ତେଣୁ ଏନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି । ତେହରାନ ଉପରେ ଭୟଙ୍କର ଆକ୍ରମଣ କରିବାକୁ ଧମକ ଦେବାର କିଛି ଘଣ୍ଟା ପରେ ପଛଘୁଞ୍ଚା ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଶେଷରେ ଦୁଇ ସପ୍ତାହ ପାଇଁ ଯୁଦ୍ଧ ବନ୍ଦ ରଖିବାକୁ ରାଜି ହୋଇଛନ୍ତି । କୂଟନୀତି ମାଧ୍ୟମରେ ଆଲୋଚନା କରି ଇରାନ ସହ ଲାଗିଥିବା ୪୦ ଦିନର ଯୁଦ୍ଧ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି ଟ୍ରମ୍ପ । ଇରାନ ମଧ୍ୟ ଯୁଦ୍ଧ ବିରାମରେ ରାଜି ହୋଇଛି ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଖୋଲିବାକୁ ସର୍ତ୍ତ ରଖିଛି । ସିଜଫାୟର ଘୋଷଣା କରିବା ସହିତ ଟ୍ରମ୍ପ କହିଛନ୍ତି ଷ୍ଟ୍ରେଟ୍ ଅଫ ହର୍ମୁଜ ଖୋଲିବାକୁ ଇରାନ ୧୦ ସୂତ୍ରୀ ଶାନ୍ତି ପ୍ରସ୍ତାବ ରଖିଛି । ଏହାକୁ ସ୍ୱୀକାର କରି ଆମେରିକା ଇରାନର ବ୍ରିଜ, ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବ ନାହିଁ ।


## ରେବତୀଙ୍କ ସାକ୍ଷ୍ୟ ଯୋଗୁ ୯ ପୋଲିସ କର୍ମଚାରୀଙ୍କୁ ମିଳିଥିଲା ମୃତ୍ୟୁ ଦଣ୍ଡାଦେଶ




ଚେନ୍ନାଇ: ତାମିଲନାଡୁରେ ବାପ-ପୁଅଙ୍କ ହାଜତ ମୃତ୍ୟୁ ମାମଲାରେ ମାଡ୍ରାସ ହାଇକୋର୍ଟଙ୍କ ଐତିହାସିକ ରାୟକୁ ପ୍ରଶଂସା ମିଳୁଥିବାବେଳେ ଏହାର ମାଧ୍ୟମ ସାଜିଥିଲେ ତାମିଲନାଡୁ ପୁଲିସ ବିଭାଗର ମୁଖ୍ୟ କନଷ୍ଟେବଲ ରେବତୀ। ଧମକ ଏବଂ ସାଂଗଠନିକ ଚାପକୁ ବେଖାତିର କରି ରେବତୀ ନିର୍ଭୀକ ଭାବେ ନିଜର ସାକ୍ଷ୍ୟ ପ୍ରଦାନ କରି ମୃତ ବାପ-ପୁଅଙ୍କୁ ନ୍ୟାୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।୨୦୨୦ ମସିହାରେ ବ୍ୟବସାୟୀ ପି ଜୟରାଜ ଓ ତାଙ୍କ ପୁଅ ଜେ ବେନିକ୍ସଙ୍କୁ କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ଥୁଟିକୁଡିର ସତନକୁଲମ୍ ? ପୁଲିସ ଗିରଫ କରିଥିଲା। ସେତେବେଳେ ରେବତୀ ସତନକୁଲମ ପୁଲିସ ଷ୍ଟେସନରେ ଡ୍ୟୁଟିରେ ଥିଲେ। ଏହି ମାମଲାରେ ସାକ୍ଷୀ ହେବା ପରେ ତାଙ୍କ ସୁରକ୍ଷା, ପରିବାର କିମ୍ବା ଚାକିରି ବିଷୟରେ କୌଣସି ସ୍ପଷ୍ଟ ସୁରକ୍ଷା ମିଳି ନଥିଲେ ମଧ୍ୟ ସେ ନିର୍ଭୀକତାର ସହିତ ପୁଲିସ ଷ୍ଟେସନରେ ସେ ଦିନ ଘଟିଥିବା ସମସ୍ତ ଘଟଣା ମାଜିଷ୍ଟ୍ରେଟଙ୍କୁ ବର୍ଣ୍ଣନା କରିଥିଲେ। ମାମଲାରେ ଅଭିଯୁକ୍ତ ଅଧିକାରୀମାନେ ତାଙ୍କର ବରିଷ୍ଠ ଏବଂ ପ୍ରଭାବଶାଳୀ ଥିଲେ। ସେତେବେଳେ ରେବତୀ ଜଣେ ଜୁନିଅର କନଷ୍ଟେବଲ ଥିଲେ। କିନ୍ତୁ ଜୟରାଜ ଓ ବେନିକ୍ସଙ୍କୁ ନ୍ୟାୟ ଦେବାକୁ ସେ ଦୃଢ଼ ପଣ କରିଥିଲେ। ରେବତୀ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ତାଙ୍କ ଦୁଇ ଝିଅଙ୍କ ପାଇଁ ସୁରକ୍ଷା ମାଗିଥିଲେ। ଜୁଡିସିଆଲ ମାଜିଷ୍ଟ୍ରେଟଙ୍କୁ ସେ ସେଦିନର ଘଟଣାର ମିନିଟ ମିନିଟର ତଥ୍ୟ ଦେଇଥିଲେ। କେମିତି ପୁଲିସ ସମସ୍ତ ବର୍ବରତା ପାର୍ ? କରି ରାତି ସାରା ବାପ-ପୁଅଙ୍କ ପିଟିଥିଲା। ପୁଲିସ ମାଡ଼ରେ ଦୁହେଁ ଗୁରୁତର ଭାବେ ଆହତ ହୋଇଥିଲେ। ପରେ ସେମାନଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଥିଲା। କିଛି ଦିନ ବ୍ୟବଧାନ ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ଆକ୍ରୋଷ ଦେଖାଯାଇଥିଲା। ରେବତୀ ସିସିଟିଭି ଫୁଟେଜରେ ଦେଖାଯାଉଥିବା ପୁଲିସ କର୍ମଚାରୀମାନଙ୍କୁ ଚିହ୍ନଟ କରିଥିଲେ ଓ ଘଟଣାସ୍ଥଳରେ ସେମାନଙ୍କର ଉପସ୍ଥିତି ସ୍ଥାପନ କରିବାରେ ସାହାଯ୍ୟ କରିଥିଲେ, ଯାହା ଅପରାଧ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା। ସେହି କାଳ ରାତିରେ ଅତିନୃଶଂସ ପାଲଟି ଯାଇଥିଲେ ପୁଲିସ ଅଧିକାରୀ, ଯାହା ପାଇଲେ ସେଥିରେ ବାପା-ପୁଅଙ୍କୁ ପିଟିଥିଲେ। ଏପରି ସେମାନଙ୍କ ସମ୍ବେଦନଶୀଳ ଅଙ୍ଗକୁ ମଧ୍ୟ ବୁଟ୍‌ରେ ଆଘାତ ଦେଇଥିଲେ। ବାପା-ପୁଅଙ୍କ ଶରୀରରେ ପ୍ରବଳ ରକ୍ତସ୍ରାବ ହେଉଥିବାବେଳେ ପୁଲିସ ସେମାନଙ୍କୁ ସେହି ରକ୍ତ ସଫା କରିବାକୁ କହୁଥିଲେ। ରେବତୀ ଏସବୁ ନିଜ ଆଖିରେ ଦେଖି ସହ୍ୟ କରିପାରୁନଥିଲେ। ଏହି ବିଷୟରେ ମୁହଁ ନ ଖୋଲିବାକୁ ରେବତୀଙ୍କୁ ସାଥୀ ପୁଲିସ କର୍ମଚାରୀମାନେ ଧମକ ଦେଇଥିଲେ। ଏପରିକି ତାଙ୍କୁ ବୟାନ ରେକର୍ଡ଼ କରିବାକୁ ନଦେବା ପାଇଁ ଅନେକ ଚାପ ପକାଇଥିଲେ। ତେବେ ମାଜିଷ୍ଟ୍ରେଟ୍ ?ଙ୍କଠାରୁ ସୁରକ୍ଷା ଆଶ୍ୱାସନା ପାଇବା ପରେ ସେ ବୟାନ ରେକର୍ଡ଼ କରିଥିଲେ। ପୁଲିସ କର୍ମଚାରୀ କୋର୍ଟ ଷ୍ଟାଫଙ୍କୁ ମଧ୍ୟ ଧମକ ଦେବାକୁ ପଛାଇ ନଥିଲେ। ଯଦିଓ ମାମଲାର ପ୍ରାରମ୍ଭିକ ପର୍ଯ୍ୟାୟରେ ରେବତୀଙ୍କ ସାକ୍ଷ୍ୟକୁ ବ୍ୟାପକ ସମର୍ଥନ ମିଳିଥିଲା କିନ୍ତୁ ସେ ତାଙ୍କର ଦୁଇ ଝିଅ ଓ ସ୍ୱାମୀଙ୍କ ସୁରକ୍ଷାକୁ ନେଇ ସର୍ବଦା ଆଶଙ୍କାରେ ରହିଥିଲେ। ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଦୁଇଜଣ ପୁଲିସ କନଷ୍ଟେବଲଙ୍କୁ ତାଙ୍କ ପରିବାରର ସୁରକ୍ଷା ପାଇଁ ଜଗାଇଥି ?ଲେ। ରେବତୀଙ୍କ ସାହସିକତା ଯୋଗୁ ଜୟରାଜ ଓ ବେନିକ୍ସଙ୍କୁ ନ୍ୟାୟ ମିଳିଥିଲା।

## ପତ୍ନୀ ସହିତ ଶାରୀରିକ ସଂପର୍କ ରଖି ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ, ମୃତଦେହ ଛାଡି ଫେରାର ହେବା ବେଳେ ଧରିଲା ପୋଲିସ

ଉତ୍ତରପ୍ରଦେଶ : ୟୁପିର ରାମପୁରରେ ଚାଞ୍ଚଲ୍ୟକର ଘଟଣା । ପତ୍ନୀ ସହିତ ଶାରୀରିକ ସଂପର୍କ ରଖୁଥିବା ବେଳେ ତଣ୍ଟିଚିପି ହତ୍ୟା କରିଛି ସ୍ୱାମୀ । ଆଉ ପତ୍ନୀର ମୃତ୍ୟୁ ପରେ ସେମିତି ଉଲଗ୍ନ ଅବସ୍ଥାରେ ମୃତଦେହକୁ ଛାଡି ଫେରାର ହୋଇଯାଇଛି ସ୍ୱାମୀ । ପୋଲିସକୁ ମୃତଦେହ ମିଳିବା ପରେ ସତ୍ୟତା ଜଣାପଡିଛି । ଖବର ମୁତାବକ, କୋତିୱାଲି ସିଭିଲ ଲାଇନ ଅଞ୍ଚଳରେ ଏକ ବନ୍ଦ ରୁମରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତଦେହ ମିଳିବା ନେଇ ପୋଲିସକୁ ସୂଚନା ମିଳିଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଶ୍ଚର୍ଯ୍ୟ ହୋଇଯାଇଥିଲା । ପୋଲିସ ଦେଖିବାକୁ ପାଇଥିଲା ଯେ, ବେଡ୍ ଉପରେ ମହିଳାଙ୍କ ମୃତଦେହ ପଡିଥିଲା ଆଉ ଆଖାପାଖରେ କିଛି ନଥିଲା । ପ୍ରାରମ୍ଭିକ ଯାଞ୍ଚର ମୃତ୍ୟୁ ସାମାନ୍ୟ ଜଣାପଡୁନଥିଲା । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ମାମଲାର ଯାଞ୍ଚ ଆରମ୍ଭ କରିଛି । ସୂଚନା ମିଳିବା ପରେ ମୃତକଙ୍କ ପରିଜନ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଯେ, ତାଙ୍କ ଝିଅକୁ ଦୀର୍ଘଦିନରୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିଲା । ମାନସିକ ଏବଂ ଶାରୀରିକ ଭାବେ ତାଙ୍କୁ ଅତ୍ୟାଚାର କରାଯାଉଥିଲା । ସ୍ୱାମୀ ଏବଂ ଦିଅର ମିଶି ଏମିତି କରୁଥିବାର ପରିବାର ଲୋକ ଅଭିଯୋଗ କରିଥିଲେ । ଏହାପରେ ପୋଲିସ ଯାଞ୍ଚ ଆରମ୍ଭ କରିଥିଲା । ରାମପୁର ପୋଲିସ ଅଧିକ୍ଷକ କାର୍ଯ୍ୟାନୁଷ୍ଠାନ କରି ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ପଚରାଉଚରା କରିଥିଲା । ପ୍ରଥମେ ସ୍ୱାମୀ ଜଣକ କଥା ବୁଲାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ପୋଲିସ ଆଗରେ ପରେ ସବୁ ସତ ମାନିଯାଇଥିଲେ । ରାଗରେ ଏଭଳି କାଣ୍ଡ କରିଥିବା ପୋଲିସକୁ କହିଥିଲା । ପୋଲିସ ଏବେ ମହିଳାଙ୍କ ସ୍ୱାମୀକୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।



## ସମୁଦ୍ରକୁ ଚ୍ୟାଲେଞ୍ଜ୍ ଦେବେ କୁନି ପହଁରାଳି: ଶ୍ରୀଲଙ୍କାରୁ ପହଁରି ଭାରତ ଆସିବେ



ରାଞ୍ଚି: ଝାଡ଼ଖଣ୍ଡର ଜଣେ କୁନି ପିଲା 'ମିଶନ ସମନ୍ଦର' ପୂରଣ କରିବା ପାଇଁ ଦିନରାତି ପରିଶ୍ରମ କରୁଛି। ରାଞ୍ଚିର ସାତ ବର୍ଷୀୟ ଇଶାଙ୍କ୍ ନୂଆ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏବେ ସେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦୂରତା ପାର କରିବା ମିଶନରେ ବ୍ୟସ୍ତ ଅଛନ୍ତି। ତାଙ୍କର ଲକ୍ଷ୍ୟ କେବଳ କଷ୍ଟକର ସମୁଦ୍ର ପଥକୁ ଜୟ କରିବା ନୁହେଁ, ବରଂ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ପଞ୍ଜିକୃତ କରିବା । ଏତେ କମ୍ ବୟସରେ ଇଶାଙ୍କ୍‌ଙ୍କର ମନୋବଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସେ ଘଣ୍ଟା ଘଣ୍ଟା ଧରି ପାଣିରେ ରହି କଠିନ ଅଭ୍ୟାସ କରୁଛି।

ରାଞ୍ଚିର ବାସିନ୍ଦା ଇଶାଙ୍କ୍‌ଙ୍କ ଏହି ଦୁଃସାହସିକ ଯାତ୍ରା ଏପ୍ରିଲ ୨୯ ତାରିଖରେ ତାମିଲନାଡୁର ରାମେଶ୍ୱରମରୁ ଆରମ୍ଭ ହେବ। ଇଶାଙ୍କ୍ ୨୨ ତାରିଖରେ ରାମେଶ୍ୱରମ ଅଭିମୁଖେ ଯାତ୍ରା କରିବେ। ୩୦ ତାରିଖରେ ତାଙ୍କ ପରିବାର ସଦସ୍ୟ ଏବଂ ପହଁରିବା ଦଳ ସମୁଦ୍ର ପଥ ଦେଇ ଶ୍ରୀଲଙ୍କାର ତଲାଇମନ୍ନାର ଅଭିମୁଖେ ଯାତ୍ରା କରିବେ। ତଲାଇମନ୍ନାରରେ ପହଞ୍ଚିବା ପରେ ସମସ୍ତେ ଡଙ୍ଗାରେ ରାତ୍ରୀଯାପନ କରିବେ। ତା'ପରେ ଏପ୍ରିଲ ୩୦ ତାରିଖରେ ଇଶାଙ୍କ୍ ତଲାଇମନ୍ନାରରୁ ତାଙ୍କର ଅଭିଯାନ ଆରମ୍ଭ କରିବେ। ସେ ୩୦ କିଲୋମିଟର ଦୂରତା ଅତିକ୍ରମ କରି ପହଁରି ପହଁରି ଭାରତର ଶେଷ ସାମୁଦ୍ରିକ ସୀମା ଧନୁଷକୋଡିରେ ପହଞ୍ଚିବେ। ତାଙ୍କ ମାଆ ମନୀଷା କୁହନ୍ତି, ପହଁରିବା ହେଉଛି ଇଶାଙ୍କ୍‌ଙ୍କ ପ୍ରଥମ ପସନ୍ଦ, ସେ ଅଢ଼େଇ ବର୍ଷ ବୟସରୁ ପହଁରୁଛନ୍ତି। ପିତା ସୁନୀଲ ତାଙ୍କର ସବୁଠାରୁ ବଡ଼ ଗାଇଡ୍। ବାପା କୁହନ୍ତି,ମୋ ପୁଅର ସଫଳତାରେ ମୁଁ ବହୁତ ଖୁସି, ଏବଂ ଏହା ଭଲ ଲାଗୁଛି। ଯଦି ସେ ବିଶ୍ୱ ରେକର୍ଡ ଭାଙ୍ଗିପାରିବ ତେବେ ଏହା ବହୁତ ଭଲ ହେବ। ମୋ ପୁଅ ନିଜର ମିଶନ ପ୍ରତି ବେଶ୍ ଯତ୍ନଶୀଳ।

ମିଶନ ଲକ୍ଷ୍ୟ ପୂରଣ ପାଇଁ ଇଶାଙ୍କ୍ ପ୍ରତିଦିନ ରାଞ୍ଚିର ଧୁରୱା ଡ୍ୟାମ୍‌ରେ ଚାରିରୁ ପାଞ୍ଚ ଘଣ୍ଟା ଅଭ୍ୟାସ କରୁଛନ୍ତି। ସେ ୧୫ ରୁ ୨୦ କିଲୋମିଟର ପହଁରୁଛନ୍ତି। ତାଙ୍କ ମାଆ ମନୀଷା କହିଛନ୍ତି, ସେ ସପ୍ତାହରେ ଥରେ ଆଠ ଘଣ୍ଟା ଅଭ୍ୟାସ କରନ୍ତି। ଏହି ସମୟରେ, ତାଙ୍କ ସହିତ ତାଙ୍କର ସମ୍ପୂର୍ଣ୍ଣ ପହଁରା ଦଳ ମଧ୍ୟ ଥାଏ। ଇଶାଙ୍କ୍‌ଙ୍କ ପ୍ରଶିକ୍ଷକ ଅମନ କୁମାର ଜୟସୱାଲ୍ ତାଙ୍କୁ ବ୍ୟକ୍ତିଗତ ଭାବରେ ତାଲିମ ଦେଉଛନ୍ତି। ଏହା ସହିତ ବଜରଙ୍ଗ କୁମାର ମଧ୍ୟ ତାଙ୍କୁ ତାଲିମ ଦେଉଛନ୍ତି।

୧୧ ଏପ୍ରିଲରେ, ଇଶାଙ୍କ୍ କୋଚି ଯାଉଛନ୍ତି। ସେଠାରେ ପେରିଆର ନଦୀରେ ଖୋଲା ଜଳ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିପାଇଁ କୌଣସି ବୟସ ସୀମା ନାହିଁ, ଏବଂ ଯେକୌଣସି ବ୍ୟକ୍ତି ଅଂଶଗ୍ରହଣ କରିପାରିବେ। ପ୍ରତିଭାବାନ ଇଶାଙ୍କ୍ ପୂର୍ବରୁ ଅନେକ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରମାଣିତ କରିସାରିଛନ୍ତି। ୨୨ ଫେବ୍ରୁଆରିରେ, ଇଶାଙ୍କ୍ ଗେଟୱେ ଅଫ୍ ଇଣ୍ଡିଆ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେଠାରେ ସେ ଆରବ ସାଗରରେ ଏକ କିଲୋମିଟର ସନ୍ତରଣ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଇଶାଙ୍କ୍‌ଙ୍କର ପ୍ରଦର୍ଶନ ଭଲ ରହିଛି। ସେ ଭଲ ପାଠ ମଧ୍ୟ ପଢୁଛନ୍ତି।


## ଇରାନ ଯୁଦ୍ଧରେ ଫସି ଗଲେ ଟ୍ରମ୍ପ : ଅସ୍ତ୍ରବିରତି ଘୋଷଣା ପରେ ବି ୮୫ ସାଂସଦ ଦାବି କଲେ ଇସ୍ତଫା

ୱାସିଂଟନ: ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେବ୍ରୁଆରି ୨୮ ତାରିଖରେ ଇସ୍ରାଏଲ ସହ ମିଶି ଇରାନ ଉପରେ ଆକ୍ରମଣ ଆରମ୍ଭ କରିଥିଲେ, ସେ ଭେନେଜୁଏଲାରେ ତାଙ୍କ ଦ୍ୱାରା କରାଯାଇଥିବା ପଦକ୍ଷେପ ନେଇ ଆତ୍ମବିଶ୍ୱାସୀ ଥିଲେ। ସେ ବିଶ୍ୱାସ କରିଥିଲେ ଇରାନକୁ ଦଖଲ କରିବା ସହଜ ହେବ। ତେବେ କିଛି ଦିନ ପରେ, ଏହା ସ୍ପଷ୍ଟ ହୋଇଯାଇଥିଲା ଯେ, ଅସ୍ତ୍ରବିରତି ଆବଶ୍ୟକ। କିନ୍ତୁ ଆମେରିକାର ଅର୍ଥନୀତି ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ରାଜନୈତିକ ବିଶ୍ୱସନୀୟତା ଉଭୟ ବାଜିରେ ଲାଗିଥିଲା। ଶେଷରେ, ଯୁଦ୍ଧର ଷଷ୍ଠ ସପ୍ତାହରେ ୩୯ ଦିନରେ, ଉଭୟ ଦେଶ କ୍ଲାନ୍ତ ହୋଇ ଆଲୋଚନା ପାଇଁରାଜିହୋଇଥିଲେ। ତେବେ ଏହି ଅସ୍ତ୍ରବିରତି ନେଇ ଇରାନରେ ଉତ୍ସବର ମାହୋଲ ରହିଛି। କିନ୍ତୁ ଆମେରିକାରେ ରାଜନୈତିକ ବିବାଦ ଏପର୍ଯ୍ୟନ୍ତ ଥମିନାହିଁ। ଆକ୍ସିଓସର ଏକ ରିପୋର୍ଟ ଅନୁଯାୟୀ, ୮୫ ରୁ ଅଧିକ ଡେମୋକ୍ରାଟିକ୍ ସାଂସଦ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ସମସ୍ତ ସାଂସଦ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିର ହୋଇଥିଲେ ମଧ୍ୟ, ଟ୍ରମ୍ପ ପୂର୍ବରୁ ଏତେ ସଂଖ୍ୟକ ବିରୋଧୀଙ୍କ ଚାପର ସମ୍ମୁଖୀନ ହୋଇନଥିଲେ। ଆମେରିକାରେ ଚର୍ଚ୍ଚା ହେଉଛି, ଟ୍ରମ୍ପ ଏପଷ୍ଟାଇନ୍ ଫାଇଲ୍ସର ଘୃଣ୍ୟ ଅପରାଧକୁ ଘୋଡାଇବା ପାଇଁ ଏହି ଯୁଦ୍ଧ ଆରମ୍ଭ କରିଥିଲେ। ଟ୍ରମ୍ପ ଇଷ୍ଟରରେ ସୋସିଆଲ ମିଡିଆରେ କ୍ରୋଧିତ ଏବଂ ଅପମାନଜନକ ପୋଷ୍ଟ କରିଥିଲେ। ତାଙ୍କ ଅଶ୍ଳୀଳ ଭାଷା ଏବଂ ସର୍ବଦା ପରିବର୍ତ୍ତିତ ଆଭିମୁଖ୍ୟ ବିରୋଧରେ ଆମେରିକାରେ ପ୍ରତିବାଦର ସ୍ୱର ଉଠିଛି। ଅନେକ ଆମେରିକୀୟ ସାଂସଦ ଏବଂ ନେତା କହିଛନ୍ତି, ଟ୍ରମ୍ପ ବାରମ୍ବାର ନିଜ ମନ୍ତବ୍ୟ ଏବଂ ରଣନୀତି ପରିବର୍ତ୍ତନ କରୁଛନ୍ତି। ଇରାନ ଯୁଦ୍ଧ ସମ୍ପର୍କରେ ଏପରି ଅପମାନଜନକ ପୋଷ୍ଟ ଲେଖିବା ତାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଶ୍ନ ଉଠାଇଛି। ବର୍ତ୍ତମାନ, କଂଗ୍ରେସରେ ୨୫ତମ ସଂଶୋଧନର ଧାରା ୪ ଲାଗୁ କରିବା ପାଇଁ ଦାବି ଜୋର ଧରିଛି। ଏହି ଧାରା ଲାଗୁ କରିବା ଟ୍ରମ୍ପଙ୍କ ପାଗଳାମିର ଏକମାତ୍ର ଉପଚାର ବୋଲି ଆମେରିକୀୟ ସାଂସଦମାନେ ଦାବି କରୁଛନ୍ତି।



## ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ବାଟ ସଫା !

ବ୍ରସେଲ୍ସ,:ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଠକେଇ ମାମଲାରେ ଭାରତ ଛାଡି ପଳାଇଥିବା ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କ ପ୍ରତ୍ୟର୍ପଣର ବାଟ ଏବେ ସଫା ହୋଇଛି । ବେଲଜିୟମର ଏକ କୋର୍ଟ ଏହି ମାମଲାରେ ନିଜର ରାୟ ଜାରି କରିଛନ୍ତି ଏବଂ ନ୍ୟାୟ ମନ୍ତ୍ରଣାଳୟକୁ ଏନେଇ ପରାମର୍ଶ ଦେଇଛନ୍ତି। ଏପ୍ରିଲ ୩ ରେ, ଆଣ୍ଟୱର୍ପର ଆପିଲ୍ କୋର୍ଟ ରାୟ ଦେଇଛନ୍ତି ଯେ, ଚୋକସିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇପାରିବ। ବେଲଜିୟମର ନ୍ୟାୟ ମନ୍ତ୍ରଣାଳୟ ଆଗାମୀ ମାସଗୁଡ଼ିକରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି। ଏବେ ବେଲଜିୟମ କୋର୍ଟଙ୍କର ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। କୋର୍ଟ ତାଙ୍କ ଆଦେଶରେ ମେହୁଲ ଚୋକସିଙ୍କ ଦାବିକୁ ମଧ୍ୟ ଖାରଜ କରିଦେଇଛନ୍ତି ଯେ, ତାଙ୍କୁ ଆଣ୍ଟିଗୁଆ ଏବଂ ବାରବୁଡାରୁ ଅପହରଣ କରାଯାଇଥିଲା। କୋର୍ଟଙ୍କ ଅନୁଯାୟୀ, ଏହି ଦାବି ସତ୍ୟ ନୁହେଁ। କୋର୍ଟ ଏହା ମଧ୍ୟ କହିଛନ୍ତି, ଚୋକସିଙ୍କ ବିରୋଧରେ ଠକେଇ, ଅପରାଧିକ ଷଡ଼ଯନ୍ତ୍ର ଏବଂ ଜାଲିଆତି ଅଭିଯୋଗ ଲଗାଯାଇଥିଲା। ତଥାପି, ପ୍ରମାଣ ନଷ୍ଟ କରିବାର ଅଭିଯୋଗ ପ୍ରତ୍ୟାହାର କରାଯାଇଥିଲା କାରଣ ଏହା ସ୍ଥାନୀୟ ଆଇନ ଅନୁଯାୟୀ ପ୍ରଯୁଜ୍ୟ ନୁହେଁ। ପଳାତକ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କ ମାମୁଁ ମେହୁଲ ଚୋକସି ମଧ୍ୟ ବେଲଜିୟମରେ ଶରଣ ନେବାକୁ ଚେଷ୍ଟା କରିଥିଲେ, କିନ୍ତୁ କୋର୍ଟ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏପ୍ରିଲ ୨୦୨୫ରେ, ଭାରତର ଅନୁରୋଧରେ ବେଲଜିୟମ ପୁଲିସ ଚୋକସିଙ୍କୁ ଆଣ୍ଟୱର୍ପରୁ ଗିରଫ କରିଥିଲା।



## ଗୁଜରାଟୀଙ୍କ ଉପରେ ଟିପ୍ପଣୀ ଦେଇ କ୍ଷମା ମାଗିଲେ ଖଡଗେ

ନୂଆଦିଲ୍ଲୀ : କେରଳ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଗୁଜରାଟ ଲୋକଙ୍କ ଉପରେ ଦେଇଥିବା ଟିପ୍ପଣୀକୁ ନେଇ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ କ୍ଷମା ମାଗିଛନ୍ତି । ସେ ଜାଣିଶୁଣି ଏଭଳି ଟିପ୍ପଣୀ ଦେଇନଥିଲେ, ଆଉ ଏହାକୁ ଜାଣିଶୁଣି ଭୁଲ୍ ଭାବେ ଦର୍ଶାଯାଉଛି, ତଥାପି ସେ ଦୁଃଖିତ ବୋଲି କହିଛନ୍ତି । ଖଡଗେ ନିଜ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ନିକଟରେ କେରଳରେ ଦିଆଯାଇଥିବା ମୋର ଏକ ନିର୍ବଚାନୀ ଭାଷଣରେ କିଛି ଟିପ୍ପଣୀକୁ ଜାଣିଶୁଣି ଭୁଲ୍ ଭାବେ ସମାଲୋଚନା କରାଯାଉଛି । ତଥାପି ମୁଁ ନିଜ ତରଫରୁ ଦୁଃଖ ପ୍ରକାଶ କରୁଛି । ଗୁଜରାଟର ଲୋକଙ୍କ ପାଇଁ ମୋ ମନରେ ସବୁବେଳେ ସର୍ବୋଚ୍ଚ ସମ୍ମାନ ରହିଛି ଆଉ ରହିବ । ଏଠିକାର ଲୋକଙ୍କ ଭାବନାକୁ ଆଘାତ ଦେବା ମୋର କୌଣସି ଉଦ୍ଦେଶ୍ୟ ନଥିଲା ।

# ଇଣ୍ଡିଆନ୍ସକୁ ହରାଇଲେ ରୟାଲ୍ସ

## ଯଶସ୍ୱୀ, ବୈଭବଙ୍କ ଭୟଙ୍କର ବ୍ୟାଟିଂ

ଗୁଆହାଟୀ,୮।୪: ଚଳିତ ଆଇପିଏଲ୍‌ର ୧୩ତମ ମ୍ୟାଚ୍‌ରେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ୨୭ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୧୫୧ ରନ୍‌ର ବଡ ବିଜୟ ଲକ୍ଷ୍ୟର ଚାପରେ ଚାପି ହୋଇ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ୩ ଓଭରରେ ୩ ୱିକେଟ୍ ହରାଇ ସଙ୍କଟରେ ପଡିଥିଲା। ଏହାପରେ ମଧ୍ୟ ଲଗାତାର ୱିକେଟ୍ ହରାଇ ଦଳ ୯ ୱିକେଟ୍‌ରେ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ସେର୍ଫାନ୍ ରଦରଫୋର୍ଡ ୨୫, ନମନ ଧୀର ୨୫ ଓ ତିଳକ ବର୍ମା ୧୪ କେବଳ ଦୁଇଅଙ୍କ ଛୁଇଁ ପାରିଥିଲେ।

ବର୍ଷା ଯୋଗୁଁ ପ୍ରାୟ ୩ ଘଣ୍ଟା ବିଳମ୍ବରେ ମ୍ୟାଚ୍ ଆରମ୍ଭ ହେବାରୁ ୧୧ ଓଭରିଆ କରାଯାଇଥିଲା। ଏଥିରେ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ଘରୋଇ ଦଳ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ରୟାଲ୍ସକୁ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୀପକ ଚାହରଙ୍କ ପ୍ରଥମ ଓଭରରୁ ଜୟସ୍ୱାଲ ୨୨ ରନ୍ ଆଦାୟ କରି ନେଇଥିଲେ। ଦ୍ୱିତୀୟ ଓଭର ଯଶପ୍ରୀତ ବୁମ୍‌ରା ପକାଇଥିଲେ। ୧୫ ବର୍ଷୀୟ ବ୍ୟାଟର୍ ସୂର୍ଯ୍ୟବଂଶୀ ତାଙ୍କୁ ଛକା ମାରି ସ୍ୱାଗତ କରିଥିଲେ।



ଏହି ଓଭରରୁ ୧୪ ରନ୍ ସଂଗ୍ରହ ହୋଇଥିଲା ପର ଓଭରରେ ଟ୍ରେଣ୍ଟ୍ ବୋଲ୍ଟ ୨୨ ରନ୍ ବ୍ୟୟ କରିବାରୁ ୩.୨ ପାୱାର ପ୍ଲେରେ ଆର୍‌ଆର୍ ବିନା କ୍ଷତିରେ ୫୯ ରନ୍ ଯୋଡି ନେଇଥିଲା। ପଞ୍ଚମ ଓଭରର ଶେଷ ବଲ୍‌ରେ ସୂର୍ଯ୍ୟବଂଶୀ (୩୯, ୧୪ ବଲ୍, ୧ ଚେକା, ୫ ଛକା)ଙ୍କୁ ଶାର୍ଦୁଳ ଠାକୁର ଆଉଟ୍ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଧ୍ରୁବ ଜୁରେଲ (୨) ସଅଳ ଆଉଟ୍ ହୋଇଥିଲା ବେଳେ ଅଧିନାୟକ ରିୟାନ ପରାଗ (୧୦ ବଲ୍‌ରୁ ୨୦) ବଡ ସ୍କୋର୍ କରିବା ପୂର୍ବରୁ ପ୍ୟାଭିଲିୟନ୍ ଫେରିଥିଲେ। ଉଭୟଙ୍କୁ ଆଲ୍ଲା ଗଜନ୍‌ଫର୍ ଆଉଟ୍ କରିଥିଲେ। ଗୋଟିଏ ପଟେ ୱିକେଟ୍ ଖସୁଥିଲା ବେଳେ ଜୟସ୍ୱାଲ ବିସ୍ଫୋରକ ବ୍ୟାଟିଂ ଜାରି ରଖି ୩୨ ବଲ୍‌ରୁ ୧୦ ଚେକା, ୪ ଛକା ସହାୟତାରେ ଅପରାଜିତ ୭୭ଋ ରନ୍ କରି ଦଳୀୟ ସ୍କୋର୍ ୧୧ ଓଭରରେ ୧୫୦/୩ରେ ପହଞ୍ଚାଇଥିଲେ। ସଂକ୍ଷିପ୍ତ ସ୍କୋର୍: ରାଜସ୍ଥାନ ରୟାଲ୍ସ ୧୧ ଓଭରରେ ୧୫୦/୩ (ଯଶସ୍ୱୀ ଜୟସ୍ୱାଲ ୭୭ଋ, ବୈଭବ ସୂର୍ଯ୍ୟବଂଶୀ ୩୯, ରିୟାନ ପରାଗ ୨୦, ଆଲ୍ଲା ଗଜନ୍‌ଫର୍ ୨/୨୧, ଶାର୍ଦୁଳ ଠାକୁର ୧/୩୬)। ମୁମ୍ବାଇ ଇଣ୍ଡିଆନ୍ସ ୧୧ ଓଭରରେ ୧୨୩/୯ (ସେର୍ଫାନ୍ ରଦରଫୋର୍ଡ ୨୫, ନମନ ଧୀର ୨୫, ନାନ୍ଦ୍ରେ ବର୍ଗର ୨/୨୧, ରବି ବିଷ୍ଣୋଇ ୨/୨୫ , ସନ୍ଦୀପ ଶର୍ମା ୨/୨୬)।

# ଖେଳପଡିଆ ଦୁର୍ଘଟଣା ରୋକିବାକୁ ନିୟମାବଳୀ

ନୂଆଦିଲ୍ଲୀ,୮।୪(ଏଜେନ୍ସି); ସାମ୍ପ୍ରତିକ କିଛି ଖେଳପଡିଆ ଦୁର୍ଘଟଣାକୁ ନଜରରେ ରଖି ଭାରତ ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ଏକ ନୂଆ ନିୟମାବଳୀ ଜାରି କରିଛି। ସମସ୍ତ ରାଜ୍ୟ ସରକାରଙ୍କୁ ତୁରନ୍ତ ଲାଗୁ କରିବାକୁ ନିର୍ଦ୍ଦେଶ ବି ଦେଇଛି। ଖେଳପଡିଆ ଦୁର୍ଘଟଣାକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଗୁଡିକ ଆବଶ୍ୟକ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଛି। କ୍ରୀଡା ଭିତ୍ତିଭୂମିରେ ଥିବା ସରଞ୍ଜାମ, ବିଭିନ୍ନ ସୁବିଧା ସୁଯୋଗ, ଷ୍ଟାଡିୟମ୍‌ରେ ଥିବା କୋଠାବାଡି ତଥା ଷ୍ଟ୍ରକ୍‌ଚରାଲ୍ ସ୍ଥିତି ସହିତ କେଣସି ବିପଜ୍ଜନକ ଆଶଙ୍କା ପ୍ରତି ସତର୍କ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।





କେଣସି ଷ୍ଟ୍ରକ୍‌ଚର୍ ମରାମତି ଯୋଗ୍ୟ ନଥିଲେ ଚେତାବନୀ ରଖିବା ସହ ତୁରନ୍ତ ଭାଙ୍ଗିଦେବା, ଷ୍ଟାଡିୟମ୍ ଆଦିର ବିଦ୍ୟୁତ୍ ସଂଯୋଗ ତଦାରଖ କରିବା, ଦର୍ଶକ ପରିଚାଳନା ଓ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା, ନିୟମିତ ବ୍ୟବଧାନରେ କ୍ରୀଡା ବ୍ୟବସ୍ଥାର ସମୀକ୍ଷା କରିବାକୁ ଏହି ନିୟମାବଳୀରେ ରଖାଯାଇଛି। ଗତବର୍ଷ ହରିୟାଣାର ରୋହତକରେ ଏକ ଖୁଣ୍ଟ ଭାଙ୍ଗିଯିବାରୁ ଏଥିରେ ଆହତ ହୋଇ ଜଣେ ୧୬ ବର୍ଷୀୟ ଜାତୀୟସ୍ତରର ବାସ୍କେଟ୍‌ବଲ୍ ଖେଳାଳିଙ୍କ ମୃତ୍ୟୁ ହୋଇଥିଲା। ସୋମବାର ମଧ୍ୟ ପୁଣେରେ ଜଣେ ୨୦ ବର୍ଷୀୟ ମେରାଇନ୍ ଇଂଜିନିୟର୍ ଛାତ୍ର ଉପରେ ବାସ୍କେଟ୍‌ବଲ୍ ହୁପ୍ ଖସିପଡିବାରୁ ସେ ପ୍ରାଣ ହରାଇଛନ୍ତି। ଏଭଳି କିଛି ଘଟଣାକୁ ନଜରରେ ରଖି ସରକାର ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି।ସରକାରଙ୍କ ଅଧୀନରେ ଥିବା ସମସ୍ତ କ୍ରୀଡା ସୁବିଧା, ନଗର, ବ୍ଲକ୍, ପଞ୍ଚାୟତ, କାର୍ପୋରେଟ୍ ସଂସ୍ଥା, ସ୍ୱୟଂଶାସିତ ସଂସ୍ଥା, ଶିକ୍ଷାନୁଷ୍ଠାନ, ଷ୍ଟାଡିୟମ୍, ଇନ୍‌ଡୋର୍ ଷ୍ଟାଡିୟମ୍, ଖେଳପଡିଆ, ଓପନ୍ ଜିମ୍, ପୁଲ୍, ଛୋଟବଡ ନିର୍ମାଣ, ପୋଲ୍ସ, ସ୍କୋର୍‌ବୋର୍ଡ, ମ୍ୟାନ୍‌ହୋଲ୍, ଅସ୍ଥାୟୀ ନିର୍ମାଣ ଉପରେ ନଜର ରଖିବାକୁ କୁହାଯାଇଛି। ବଡ କ୍ରୀଡା ପ୍ରତିଯୋଗିତାଗୁଡିକ ସମୟରେ ଦର୍ଶକଙ୍କ ସୁରକ୍ଷା ଓ ପରିଚାଳନା ଉପରେ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ନିୟମାବଳୀରେ ଉଲ୍ଲେଖ କରାଯାଇଛି। ଫ୍ୟାସିଲିଟି ମ୍ୟାନେଜର୍ ଏ ଦିଗରେ ନିୟମିତ ବ୍ୟବଧାନରେ ତଦାରଖ, ଅଧିକାରୀଙ୍କ ପରିଦର୍ଶନ ଓ ସମୀକ୍ଷାର ବିବରଣୀକୁ ପଞ୍ଜୀକରଣ କରିବେ ବୋଲି ଆଦେଶ ଦିଆଯାଇଛି।

## ମଦ ପିଇ ଗାଡ଼ି ଚଳାଇବା ଅଭିଯୋଗରେ ୱାର୍ଣ୍ଣର ଗିରଫ

ସିଡନୀ,୮ ।୪: ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଡେଭିଡ ୱାର୍ନରଙ୍କ ପାଇଁ ଅଡୁଆ ବଢ଼ିଛି। ମଦ୍ୟପାନ କରି ଗାଡ଼ି ଚଲାଉଥିବା ବେଳେ ସିଡନୀ ପୋଲିସ ତାଙ୍କୁ ଗିରଫ କରିଛି। ଏହି ଖବର ପ୍ରକାଶ ପାଇବା ପରେ କ୍ରିକେଟ ଜଗତରେ ହଳଚଳ ସୃଷ୍ଟି ହୋଇଛି। ରିପୋର୍ଟ ଅନୁଯାୟୀ, ଗତ ୫ ଏପ୍ରିଲ ସାରେ ସିଡନୀର ମାରୁବ୍ରା ଅଞ୍ଚଳରେ ପୋଲିସ ଗାଡ଼ି ଗୁଡ଼ିକର ଯାଞ୍ଚ କରୁଥିଲା। ଏହି ସମୟରେ ୱାର୍ନର ପୋଲିସ ଚେକ୍-ପୋଷ୍ଟ ଦେଖି ନିଜ ଗାଡ଼ିକୁ କିଛି ଦୂରରେ ଅଟକାଇ ଦେଇଥିଲେ। ଏହା ଦେଖି ପୋଲିସର ସନ୍ଦେହ ହୋଇଥିଲା। ଯାଞ୍ଚ ପରେ ତାଙ୍କର 'ବ୍ରେଥ ଆନାଲିସିସ୍' କରାଯାଇଥିଲା। ରିପୋର୍ଟରେ ୱାର୍ନରଙ୍କ ଶରୀରରେ ମଦ ପରିମାଣ ସୀମାଠାରୁ ଦୁଇ ଗୁଣରୁ ଅଧିକ ଥିଲା। ଏଣୁ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ନେଇଥିଲା ଏବଂ ପରେ ଏକ କୋର୍ଟ ନୋଟିସ ଦେଇ ଛାଡ଼ି ଦେଇଛି। ଆସନ୍ତା ମଇ ୭ ତାରିଖରେ ତାଙ୍କୁ କୋର୍ଟରେ ହାଜର ହେବାକୁ ପଡ଼ିବ।ୱାର୍ନର ଚଳିତ ଆଇପିଏଲ (ଓଚଖ)ରେ ଖେଳୁନାହାନ୍ତି, ସେ ଚଝଖ-୨୦୨୬ ରେ 'କରାଚି କିଙ୍ଗସ' (କବକ୍ସବମଷସ କସଭଶକ୍ସ) ର ଅଧିନାୟକତ୍ୱ କରୁଛନ୍ତି। ୱାର୍ନରଙ୍କ ନେତୃତ୍ୱରେ ଦଳ ପ୍ରଥମ ୩ଟି ଯାକ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅଛି। ଏପ୍ରିଲ ୩ରେ ସେ ପରିବାର ସହ ସମୟ ବିତାଇବା ପାଇଁ ଅଷ୍ଟ୍ରେଲିଆ ଆସିଥିଲେ। ଆସନ୍ତା ୯ ଏପ୍ରିଲରେ କରାଚି କିଙ୍ଗସର ପରବର୍ତ୍ତୀ ମ୍ୟାଚ୍ ରହିଛି।ୱାର୍ନରଙ୍କୁ ପୋଲିସ ଛାଡ଼ି ଦେଇଥିବାରୁ ଏବଂ ତାଙ୍କ ଉପରେ କୌଣସି ଯାତ୍ରା କଟକଣା (ଇବସକ୍ଷ ମକ୍ଟଭୟସକ୍ସସକ୍ଟଭକ୍ସ) ନ ଥିବାରୁ ସେ ପାକିସ୍ତାନ ଫେରିବା ପାଇଁ ସ୍ୱାଧୀନ ଅଛନ୍ତି। କିନ୍ତୁ ଏହି ବିବାଦ ପରେ ଫ୍ରାଞ୍ଚାଇଜ କିମ୍ବା ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କ ବିରୋଧରେ କୌଣସି ଆନୁଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା।

# ବଡ଼ ରେକର୍ଡ ଭାଙ୍ଗିଲେ ବୈଭବ ସୂର୍ଯ୍ୟବଂଶୀ

ମୁମ୍ବାଇ,୮ ।୪: ଭାରତୀୟ ଷ୍ଟାର ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ଯେତେବେଳେ କ୍ରିଜରେ ଥାଆନ୍ତି ସେତେବେଳେ ଝଡ଼ ପରି ଲାଗେ। ଓଚଖ ୨୦୨୬ର ୧୩ତମ ମ୍ୟାଚ୍‌ରେ ମଧ୍ୟ ସମାନ କିଛି ଘଟିଥିଲା। ଏହି ବାମହାତୀ ବ୍ୟାଟସମ୍ୟାନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୧୪ ବଲରେ ୩୯ ରନ କରିଥିଲେ। ଏହି ଇନିଂସ ସମୟରେ ସେ ପାଞ୍ଚଟି ଛକା ମାରିଥିଲେ ଏବଂ ଅନେକ ଆଶ୍ଚର୍ଯ୍ୟଜନକ କୃତିତ୍ୱ ହାସଲ କରିଥିଲେ। ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚ୍‌ରେ ଜସପ୍ରୀତ ବୁମରାଙ୍କ ବଲ୍‌ର ପ୍ରଥମ ବଲରେ ଏକ ଛକା ମାରିଥିଲେ।

-ବୈଭବ ସୂର୍ଯ୍ୟବଂଶୀ ତାଙ୍କ ଓଚଖ କ୍ୟାରିୟରରେ କେବଳ ୧୦ ଇନିଂସ ଖେଳି ୩୫ ଛକା ମାରିସାରିଛନ୍ତି। ସୂର୍ଯ୍ୟବଂଶୀ ଜେକ ଫ୍ରେଜର ମାଗାର୍କଙ୍କ ରେକର୍ଡ ଭାଙ୍ଗି ପ୍ରଥମ ୧୦ ଓଚଖ ଇନିଂସରେ ସର୍ବାଧିକ ଛକା ମାରିଥିବା ଖେଳାଳି ହୋଇଛନ୍ତି।

-ବୈଭବ ସୂର୍ଯ୍ୟବଂଶୀ ଜସପ୍ରୀତ ବୁମରାଙ୍କ ପ୍ରଥମ ତିନୋଟି ବଲରେ ଦୁଇଟି ଛକା ମାରିଥିଲେ।



ଏତେ ଛକା ମାରିବା ପାଇଁ ଧୋନୀଙ୍କୁ ୬୪ ମ୍ୟାଚ୍ ଲାଗିଥିଲା। ରସେଲ ୪୪, ରାଇନା ୩୭ ଏବଂ ମିଲର ୪୦ ମ୍ୟାଚ୍ ଧରି ବୁମରାଙ୍କ ବିପକ୍ଷରେ ଦୁଇଟି ଛକା ମାରିଥିଲେ।


-ବୈଭବ ସୂର୍ଯ୍ୟବଂଶୀ ବୁମରାଙ୍କ ପ୍ରଥମ ବଲରେ ଏକ ଛକା ମାରିଥିଲେ, ତାଙ୍କ ତିନୋଟି ବଲରୁ ଦୁଇଟି ଛକା ମାରିଥିଲେ। ନିକୋଲାସ ପୁରନ, ସଞ୍ଜୁ ସାମସନ, ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ ଭଳି ବ୍ୟାଟ୍ସମ୍ୟାନ ମଧ୍ୟ ଟି-୨୦ରେ ବୁମରାଙ୍କ ବିପକ୍ଷରେ କେବେ ଛକା ମାରି ନାହାଁନ୍ତି।

-ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ ୨୦୨୫ ପରଠାରୁ ପାୱାରପ୍ଲେରେ ୨୩ଟି ଛକା ମାରିଛନ୍ତି। ସେ ୧୮ ବର୍ଷରୁ କମ ବୟସର ଏକମାତ୍ର ଖେଳାଳି ଯିଏ ଏହି ସଫଳତା ହାସଲ କରିଛନ୍ତି। ସୂର୍ଯ୍ୟବଂଶୀ ପାୱାରପ୍ଲେରେ ସର୍ବାଧିକ ୨୮ ଛକା ମାରିଛନ୍ତି।

-ବୈଭବ ସୂର୍ଯ୍ୟବଂଶୀ ବିଶ୍ୱର ଯେକୌଣସି ପ୍ରମୁଖ ଟି-୨୦ ଲିଗ୍‌ରେ ୧୮ ବର୍ଷରୁ କମ ବୟସର ସର୍ବାଧିକ ରନ ସ୍କୋରର୍ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୩୩୫ ରନ କରିଛନ୍ତି, ଏହି ଖେଳାଳି ଆୟୁଷ ମହାତ୍ରେଙ୍କ ୨୪୦ ରନ ରେକର୍ଡ ଭାଙ୍ଗିଛନ୍ତି।

## ବୁମ୍‌ରାଙ୍କ ଆଲୋଡା ହ୍ୟାଟ୍ରିକ୍

ଗୁଆହାଟୀ,୮।୪: ଗୁଆହାଟୀର ବର୍ଷାପାରା ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ରାଜସ୍ଥାନ ରୟାଲ୍‌ସ-ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍‌ରେ ଏକ ଅବିଶ୍ୱସନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ସାଂପ୍ରତିକ କ୍ରିକେଟ୍‌ର ଶ୍ରେଷ୍ଠ ଦ୍ରୁତ ବୋଲର୍ ଯଶପ୍ରୀତ୍ ବୁମ୍‌ରାଙ୍କୁ ୧୫ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଅତ୍ୟନ୍ତ ସହଜ ଓ ସ୍ୱାଭାବିକ ଭାବେ ଛକା, ଚେକା ମାରି ଚାଲିଥିଲେ। ବୁମ୍‌ରାଙ୍କ ପ୍ରତିଷ୍ଠା ଓ ସମ୍ମାନକୁ ବେଖାତିର କରି ବୈଭବ ତାଙ୍କ ସମ୍ମୁଖୀନ ହୋଇଥିବା ପ୍ରଥମ ବଲ୍‌କୁ ଉପରେ ଉପରେ ସୀମାରେଖା ପାର କରାଇ ଛକା ଅମଳ କରିଥିଲେ। ସେହି ଓଭରରେ ସେ ମଧ୍ୟ ଆଉ ଏକ ଦର୍ଶନୀୟ ଛକା ମାରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ବୈଭବଙ୍କ ସହ ତାଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ବୈଭବ ୧୪ବଲ୍‌ରୁ ୩୯ ଏବଂ ଜୟସ୍ୱାଲ ୩୨ ବଲ୍‌ରୁ ୭୭ଋ ରନ୍‌ର ଧମାକାଦାର ପାଳି ଖେଳି ରାଜସ୍ଥାନକୁ ସହଜ ବିଜୟ ଉପହାର ଦେଇଥିଲେ। କେବଳ ବୁମ୍‌ରା ନୁହନ୍ତି, ଆପାତତଃ ସବୁ ମୁମ୍ବାଇ ବୋଲରଙ୍କୁ ଉଭୟ ନିର୍ମମ ଧୂଲେଇ କରିଥିଲେ ଏହି ଦୁଇ ଓପନର୍। ରାଜସ୍ଥାନର ରନ୍ ବର୍ଷା ଭିତରେ ବୁମ୍‌ରା ବ୍ୟକ୍ତିଗତ ଭାବେ ଏକ ଆଲୋଡା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।ଚଳିତ ଆଇପିଏଲ୍‌ର ଲଗାତାର ତୃତୀୟ ମ୍ୟାଚ୍ ପାଇଁ ୱିକେଟ୍ ଶୂନ୍ୟ ରହିଥିଲେ ସେ। ଯାହା ଗତ ୮ବର୍ଷ ମଧ୍ୟରେ ପ୍ରଥମ ବୁମ୍‌ରାଙ୍କ ଟ୍ୱେଣ୍ଟି-୨୦ ଖେଳ ଜୀବନରେ ଚତୁର୍ଥ ଥର ଲାଗି ଘଟିଥିଲା। ବୁମ୍‌ରା ଏପର୍ଯ୍ୟନ୍ତ ମୋଟ ୨୭୩ଟି ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିବା ବେଳେ ୩୪୫ ୱିକେଟ୍ କରାୟତ୍ତ କରିଛନ୍ତି। ଏଣୁ ମ୍ୟାଚ୍ ପିଛା ହାରାହାରି ୧.୨୬ ୱିକେଟ୍ ଅକ୍ତିଆର କରିଛନ୍ତି। କିନ୍ତୁ ଚଳିତ ସଂସ୍କରଣରେ ୱିକେଟ୍ ପାଇଁ ସଂଘର୍ଷ କରୁଛନ୍ତି। ଚଳିତ ଋତୁରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ବିନା ୱିକେଟ୍‌ରେ ୩୫ ରନ୍ ଖର୍ଚ୍ଚ କରିଥିଲେ। ଦିଲ୍ଲୀ ବିପକ୍ଷ ଦ୍ୱିତୀୟ ମୁକାବିଲାରେ ୪ ଓଭରରେ ୨୧ ରନ୍ ଦେଇ କେଣସି ୱିକେଟ୍ ନେଇ ନଥିଲେ। ମଙ୍ଗଳବାର ରାଜସ୍ଥାନ ବିପକ୍ଷରେ ମାତ୍ର ୩ ଓଭର ବୋଲିଂ କରି ୩୨ ରନ୍ ବ୍ୟୟ କରିଥିଲେ।



# ଆଇପିଏଲ୍‌କୁ ଫେରିନପାରନ୍ତି ଷ୍ଟାର୍କ୍


ନୂଆଦିଲ୍ଲୀ୮ ।୪: ଆଉ ଜଣେ ଅଷ୍ଟ୍ରେଲୀୟ କ୍ରିକେଟରଙ୍କୁ ନେଇ ଆଇପିଏଲ୍‌ରେ ଅନିଶ୍ଚିତତା ଲାଗି ରହିଛି। ସେ ହେଉଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଥିବା ଅଷ୍ଟ୍ରେଲୀୟ ଦ୍ରୁତ ବୋଲର୍ ମିଚେଲ୍ ଷ୍ଟାର୍କ୍। ସେ ଆହତ ଥିବା କୁହାଯାଉଥିବାବେଳେ ଏହି କାରଣରୁ ତାଙ୍କୁ ଅଷ୍ଟ୍ରେଲୀୟ କ୍ରିକେଟ୍ ବୋର୍ଡ ଏପର୍ଯ୍ୟନ୍ତ ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ପ୍ରଦାନ କରିନାହିଁ। ଏପରିକି କ୍ୟାପିଟାଲ୍ସର ବୋଲିଂ ପ୍ରଶିକ୍ଷକ ମୁନାଫ୍ ପଟେଲ୍ ବି ଏ



ନେଇ ଅନ୍ଧାରରେ ଅଛନ୍ତି।ସେ କହିଛନ୍ତି "ଷ୍ଟାର୍କ୍ କେବେ ଫେରିବେ ତାହା ମୁଁ ବି ଜାଣିନାହିଁ। ଏ ସମ୍ପର୍କରେ ମୁଁ ପଚାରିଚାଲିଛି, କିନ୍ତୁ ଉତ୍ତର ମିଳିନାହିଁ। ସେ ଆମ ଦଳର ମୁଖ୍ୟ ବୋଲର୍। ଆଇପିଏଲ୍‌ରେ ବୁମ୍‌ରାଙ୍କ ବ୍ୟତୀତ ତାଙ୍କ ସମକକ୍ଷ ଅନ୍ୟ କୌଣସି ବୋଲର୍ ନାହାନ୍ତି। କିନ୍ତୁ ଦଳକୁ ତାଙ୍କର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଏବେ ବି କୌଣସି ଅପ୍‌ଡେଟ୍ ମିଳିନାହିଁ, କାରଣ ଏହି ଅପ୍‌ଡେଟ୍ କେବଳ 'କ୍ରିକେଟ୍ ଅଷ୍ଟ୍ରେଲିଆ' କିମ୍ବା ତାଙ୍କ ଫିଜିଓ ବା ଟ୍ରେନରଙ୍କଠାରୁ ମିଳିପାରିବ। ଏପର୍ଯ୍ୟନ୍ତ ଆମେ ଦୁଇଟି ମ୍ୟାଚ୍ ଜିତିଥିବାରୁ ତାଙ୍କ ଅନୁପସ୍ଥିତି ଜଣାପଡ଼ିନାହିଁ। କିନ୍ତୁ ଯଦି ଆମେ ଭଲ ପ୍ରଦର୍ଶନ ନ କରିବୁ, ତାଙ୍କ ଅଭାବ ଅନୁଭବ ହେବ। କାରଣ ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର୍।'' ଏହା ପୂର୍ବରୁ ଆଉ ଜଣେ ଅଷ୍ଟ୍ରେଲୀୟ ଖେଳାଳି ତଥା କେକେଆର୍ ଅଲ୍‌ରାଉଣ୍ଡର କାମେରୁନ ଗ୍ରିନ୍‌ଙ୍କୁ ନେଇ ଚର୍ଚ୍ଚା ଚାଲିଥିଲା। ସବୁଠାରୁ ମହଙ୍ଗା ବିଦେଶୀ ଖେଳାଳି ହୋଇଥିଲେ ବି ସେ ବୋଲିଂ କରୁନଥିବାରୁ ତାହାକୁ ନେଇ ଅଧିନାୟକ ଅଜିଙ୍କ୍ୟ ରାହାଣେ ପ୍ରଶ୍ନଚିହ୍ନ ଲଗାଇଥିଲେ।


# ମୁଣ୍ଡରେ ବଲ୍ ବାଜି ବେହୋସ୍ ହେଲେ ଷ୍ଟାର୍ ଖେଳାଳି

ନୂଆଦିଲ୍ଲୀ,୮/୪ : ପାକିସ୍ତାନ ସୁପର ଲିଗ୍ ୨୦୨୬ରେ ଅଘଟଣ । ମୁଣ୍ଡରେ ବଲ୍ ବାଜି ଷ୍ଟାର୍ ଖେଳାଳୀ ଆହତ । ଇସଲାମବାଦ ୟୁନାଇଟେଡର ଭାଗିଦାରୀ ଥିବା ଦ୍ରୁତ ବୋଲର ହମଜା ସଜ୍ଜାଦଙ୍କ ମୁଣ୍ଡରେ ବଲ୍ ଲାଗିବା ପରେ ବେହୋସ୍ ହୋଇଯାଇଛନ୍ତି । ଯାହା ଫଳରେ ସେଠାରେ ଏକ ପ୍ରକାର ଦୁଃଖର ମାହୋଲ୍ ହୋଇଥିଲା। ଏହି ଘଟଣା ଅଭ୍ୟାସ ସମୟରେ ଘଟିଥିଲା, ମ୍ୟାଚ୍ ସମୟରେ ନୁହେଁ। ଅଭ୍ୟାସ ସମୟରେ ତାଙ୍କ ଟିମ୍ର ବ୍ୟାଟର ମାର୍କ ଚ୍ୟାପମ୍ୟାନ୍ ଏକ ସଟ୍ ଖେଳିଥିଲେ ଏବଂ ବଲ୍ ହମଜାଙ୍କ ମୁଣ୍ଡରେ ବାଜିଥିଲା। ବଲ୍ ବାଜିବା ଫଳରେ ହମଜା ତଳେ ପଡ଼ିଯାଇଥିଲେ । ଯାହାଦ୍ୱାରା ସେଠାରେ ଥିବା ସବୁ ଲୋକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।



ବଲ୍ ବାଜିବା ପରେ ଖେଳାଳିଙ୍କୁ ନିକଟରେ ଥିବା ହସ୍ପିଟାଲକୁ ନିଆଯାଇଥିଲା। ସୂଚନା ଅନୁସାରେ, ହମଜା ସଜ୍ଜାଦ ଏବେ ବିପଦମୁକ୍ତ ଏବଂ ଚେତା ଫେରିପାଇଛନ୍ତି। ତଥାପି, କୌଣସି ଆଭ୍ୟନ୍ତରୀଣ ଆଘାତକୁ ଏଡାଇବା ପାଇଁ ଏକ ସିଟି ସ୍କାନ କରାଯିବ। ବର୍ତ୍ତମାନ, ହମଜାଙ୍କ ଅବସ୍ଥା ସମ୍ପର୍କରେ ଫ୍ରାଞ୍ଚାଇଜ୍ କିମ୍ବା ପାକିସ୍ତାନ କ୍ରିକେଟ୍ ବୋର୍ଡ ପକ୍ଷରୁ କୌଣସି ସରକାରୀ ସୂଚନା ଦିଆଯାଇ ନାହିଁ। ସୋସିଆଲ ମିଡ଼ିଆରେ କିଛି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଅଭ୍ୟାସ ସମୟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ଏହି ଫଟୋ ଖେଳାଳୀଙ୍କ ବେହୋଶ ହେବା ପରେ ଅଟେ ।

## ଏସୀୟ ବ୍ୟାଡ୍‌ମିଣ୍ଟନ୍: ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଆୟୁଷ, ଲକ୍ଷ୍ୟଙ୍କ ବିଦାୟ



ନୂଆଦିଲ୍ଲୀ,୮।୪: ଚୀନର ନିଙ୍ଗ୍‌ବୋଠାରେ ଚାଲିଥିବା ଏସୀୟ ବ୍ୟାଡ୍‌ମିଣ୍ଟନ୍‌ର ଦ୍ୱିତୀୟ ଦିନ ଭାରତ ପାଇଁ ମିଶ୍ରିତ ଫଳାଫଳ ଆଣି ଦେଇଛି । ଭାରତର ପିଭି ସିନ୍ଧୁ ମହିଳା ଏକକରେ ମାଲେସିଆର ଓଙ୍ଗ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।ଦୁଇମାସର ବ୍ୟବଧାନ ପରେ କୋର୍ଟକୁ ଓହ୍ଲାଇଥିବା ସିନ୍ଧୁ ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ ଚିଙ୍ଗ୍‌ଙ୍କୁ ୧୫-୨୧, ୨୧-୧୧, ୨୧-୧୯ ସେଟ୍‌ରେ ପରାସ୍ତ କରିଛନ୍ତି ।ଦ୍ୱିତୀୟ ରାଉଣ୍ଡରେ ସେ ଚୀନ ପ୍ରତିଯୋଗୀ ତଥା ଦୁଇ ଥରର ଏସୀୟ ଚମ୍ପିଅନ ୱାଙ୍ଗ ଝି ୟିଙ୍କୁ ଭେଟିବେ ।ଅନ୍ୟପକ୍ଷରେ ଭାରତର ଏକ ନମ୍ବର ଖେଳାଳି ତଥା ଅଲ୍‌ଇଂଲଣ୍ଡ ଉପବିଜେତା ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇଛନ୍ତି।ସେ ହଂକଂର ଚିୟୁ ଜେନ୍‌ଙ୍କଠାରୁ ସିଧାସଳଖ ସେଟ୍ ୧୨-୨୧,୧୯-୨୧ରେ ହାରିଯାଇଛନ୍ତି ।ତେବେ ଭାରତର ଆୟୁଷ ସେଟ୍ଟୀ ଏକ ଚମକପ୍ରଦ ପ୍ରଦର୍ଶନ କରି ବିଶ୍ୱର ୭ ନମ୍ବର ମାନ୍ୟତାପ୍ରାପ୍ତ ଲି ସି ଫେଙ୍ଗ୍‌ଙ୍କୁ ସିଧାସଳଖ ସେଟ୍ ୨୧-୧୩, ୨୧-୧୬ରେ ପରାସ୍ତ କରିଛନ୍ତି ।

## ସୂର୍ଯ୍ୟବଂଶୀଙ୍କ ପ୍ରଶଂସା କଲେ ପାଣ୍ଡ୍ୟା

ନୂଆଦିଲ୍ଲୀ,୮।୪(ଏଜେନସି: ମଙ୍ଗଳବାର ଆଇପିଏଲର ୧୩ତମ ମ୍ୟାଚ୍‌ରେ ମୁମ୍ବାଇ ଏବଂ ରାଜସ୍ଥାନ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ରାଜସ୍ଥାନ ରୟାଲ୍ସ ଜିତି ନେଇଥିଲା । ୧୧ ଓଭର ବିଶିଷ୍ଟ ଖେଳାଯାଉଥିବା ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍ ଗର୍ଜିଥିଲା ।ପ୍ରଥମରୁ ମୁମ୍ବାଇ ବୋଲରଙ୍କ ଉପରେ ଭାରି ପଡ଼ିଥିଲେ ସୂର୍ଯ୍ୟବଂଶୀ ।ବୁମରାଙ୍କ ଭଳି ଅଭିଜ୍ଞ ବୋଲରଙ୍କ ଗୋଟିଏ ଓଭରରେ ୨ ଛକା ମାରିଥିବା ସୂର୍ଯ୍ୟବଂଶୀଙ୍କୁ ନେଇ ଏବେ ସବୁଠ ଚର୍ଚ୍ଚା ହେଉଛି ।ତାଙ୍କ ବଡ଼ ଖେଳାଳିମାନେ ପ୍ରଂଶସାରେ ପୋତି ପକାଉଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ମୁମ୍ବାଇ ଇଣ୍ଡିଆନ୍ସଙ୍କ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ପାଣ୍ଡ୍ୟା କହିଛନ୍ତି କି, ଆମେ ମ୍ୟାଚ୍ ପୂର୍ବରୁ ବୈଭବଙ୍କ ସମ୍ପର୍କରେ ଆଲୋଚନା କରିଥିଲୁ । ତେବେ ତାଙ୍କ ପାଖରେ ସବୁ ପ୍ରକାର ସଟ୍ ରହିଛି। ତାଙ୍କୁ ନେଇ ରଣନୀତି ମଧ୍ୟ ପ୍ରସ୍ତୁତ ହୋଇଥିଲା ।ମାତ୍ର ସେ ନିର୍ଭୀକତାର ସହ ଖେଳିଥିଲେ । ସେ ଜଣେ ଆଶ୍ଚର୍ଯ୍ୟଜନକ ଖେଳାଳି ।ମୁଁ ତାଙ୍କୁ ଭବିଷ୍ୟତ ପାଇଁ ଶୁଭକାମନା ଜଣାଉଛି । ସେପଟେ ମ୍ୟାଚ୍ ସରିବା ପରେ ଦୁଇ ଯୁବ କ୍ରିକେଟର ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ ଭୁରି ଭୁରି ପ୍ରଂଶସା କରିଥିଲେ ମୁମ୍ବାଇର ମୁଖ୍ୟ ପ୍ରଶିକ୍ଷକ ମାହେଲା ଜୟବର୍ଦ୍ଧନ ।ଏହି ଖେଳାଳି ବୁମରାଙ୍କ ଭଳି ଖେଳାଳିଙ୍କ ଲାଇନ୍ ଲେନ୍ଥକୁ ମଧ୍ୟ ହଜାଇ ଦେଉଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ